## ବିଜେଡିରେ ମିଶିଲେ ବହୁ ବିଜେପି କର୍ମୀ

# ପାରଳାଖେମୁଣ୍ଡିରେ ବଢ଼ିଲା ବିଜେଡିର ଶକ୍ତି



ଭୁବନେଶ୍ୱର,୨୬।୩(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ ଗୁରବାର ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୋଶାଣୀ ବ୍ଲକ ରମ୍ଭା ପଞ୍ଚାୟତର ସରପଞ୍ଚ ଝୁନି ସବର, ନିରଞ୍ଜନ ଶବରଙ୍କ ସମେତ ଶତାଧିକ ବିଜେପି କର୍ମୀ ଦଳ ଛାଡି ଶଙ୍ଖ ଭବନରେ ଆନୁଷ୍ଠାନିକ ଭାବେ ବିଜେଡିର ସାମିଲ ହୋଇଛନ୍ତି। ବିଜେଡିରେ ଯୋଗଦାନ ପରେ ବିଜେପି କର୍ମୀମାନେ କହିଥିଲେ ଯେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କରିଥିବା ଉନ୍ନତିମୂଳକ କାର୍ଯ୍ୟ ଓ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛୁ । ଦଳ ଆମକୁ ଯେଉଁ ଦାୟିତ୍ୱ ଦେବ ତାହାକୁ ଆମେ ସୁଚାରରୂପେ ସମ୍ପାଦନ କରିବୁ । ଆଗାମୀ ଦିନରେ ଦଳକୁ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ମଜଭୁତ କରିବା ପାଇଁ କାମ କରିବୁ । ଗତକାଲି ବାଲେଶ୍ୱର ଜିଲ୍ଲାର ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାର ବିଜେପି କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଥିଲା ବେଳେ ଆଜି ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି । ଏହା ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ତଥା ବିଜୁ ଜନତା ଦଳ ପ୍ରତି ଲୋକଙ୍କ ମଧ୍ୟରେ ଆକର୍ଷଣ ବଢ଼ିବାକୁ ପ୍ରମାଣିତ କରିଛି। ସେହିପରି ବିଜେପି ସରକାର ପ୍ରତି ଲୋକଙ୍କ ବିମୁଖତା ବଢୁଥିବା ସୂଚାଉଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ମିଶ୍ରଣପର୍ବରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଅତନୁ ସବ୍ୟସାଚୀ ନାୟକ, ବିଧାୟକ ରଘୁନାଥ ସାହୁ, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସୁର ମହାପାତ୍ର, ଗୋଶାଣୀ ବ୍ଲକ ଅଧ୍ୟକ୍ଷ ଭୀର ରାଜୁ, ଜିଲ୍ଲା ପରିଷଦ ସଭ୍ୟ ବାଲ୍ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।



ପବିତ୍ର ଅଶୋକାଷ୍ଟମୀରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ

# ଝାଡ଼ଖଣ୍ଡରେ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ପ୍ରଶିକ୍ଷଣ



ଭୁବନେଶ୍ୱର,୨୬।୩(ସମିସ): ଏଆଇସିସି ପକ୍ଷରୁ ଝାଡ଼ଖଣ୍ଡର ଚାଇଁବସାରେ ଜିଲ୍ଲା ସଭାପତିମାନଙ୍କ ପାଇଁ ଏକ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶାର କଂଗ୍ରେସ ଜିଲ୍ଲା ସଭାପତିମାନେ ଏହି ଶିବିରରେ ସାମିଲ ହୋଇଛନ୍ତି। 'ସଂଗଠନ ସୃଜନ' ଅଭିଯାନ ଅଧୀନରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏଥିରେ ଏଆଇସିସିର କର୍ମକର୍ତ୍ତାମାନେ ବିଭିନ୍ନ ବିଷୟ ଉପରେ ଜିଲ୍ଲା ସଭାପତିମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। କିପରି ଜିଲ୍ଲା ସଭାପତିମାନେ ନିଜ ନିଜ ଜିଲ୍ଲାରେ ପ୍ରଭାବୀ ସଂଗଠନ ଗଠନ, ମଣ୍ଡଳ ଚୟନ, ବୁଥ୍ ଲେବଲ ସଂଗଠନଠାରୁ ଆରମ୍ଭ କରି ସୋସିଆଲ ମିଡିଆରେ ଦଳର ସକ୍ରିୟ ପ୍ରଚାରପ୍ରସାର ଆଦି ବିଷୟରେ ଏଠାରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ଦିଆଯାଉଛି। କାର୍ଯ୍ୟକ୍ରମ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଶିବିର ଶେଷରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଂଗଠନ ସମ୍ପାଦକ କେ ସି ବେଣୁଗୋପାଳ ପ୍ରମୁଖ ସାମିଲ ହେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

**'ସଂଗଠନ ସୃଜନ'ରେ ୩୧ ପର୍ଯ୍ୟନ୍ତ ଶିବିର**

ଅନ୍ୟପଟେ ସୋନିଆ ଗାନ୍ଧୀଙ୍କ ଅସୁସ୍ଥତା ହେତୁ ରାହୁଲଙ୍କ ଗସ୍ତକୁ ନେଇ ସାମାନ୍ୟ ଆଶଙ୍କା ସୃଷ୍ଟି ହୋଇଥିଲେ ମଧ୍ୟ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଦୁଇ ଦିନ ତଳେ ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ୍ୟ ସାମିଲ ହୋଇଥିଲେ।

# ୩ ଦିନିଆ ଗସ୍ତରେ ଓଡ଼ିଶା ଆସିବେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

ଭୁବନେଶ୍ୱର,୨୬।୩(ସମିସ): ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। କାର୍ଯ୍ୟସୂଚୀ ଅନୁସାରେ, ଜେନେରାଲ ଦ୍ୱିବେଦୀ ଆସନ୍ତା ୨୭ ତାରିଖରେ ନୂଆଦିଲ୍ଲୀରୁ ବିମାନଯୋଗେ ଭୁବନେଶ୍ୱର ଆସି ପହଞ୍ଚିବେ। ଏହାପରେ ଭୁବନେଶ୍ୱରରୁ ସଡ଼କପଥରେ ୧୨୦ ଆଇ୍‌ଏନ୍‌ଏଫ୍ ବାଟାଲିଅନ୍ ଯିବେ। ୨୮ ତାରିଖରେ ସେ ପୁରୀ ଯାଇ ସେଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ଏହାପରେ ତାଳବଣିଆରୁ ଆକାଶମାର୍ଗରେ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଜେନେରାଲଙ୍କ ସହିତ ତାଙ୍କ ପତ୍ନୀ, ତିନି ଜଣ ଷ୍ଟାଫ୍ ଅଫିସର ଏବଂ ତିନି ଜଣ ଯୋଦ୍ଧା ରହିବେ। ରାଜ୍ୟ ଅତିଥି ଜେନେରାଲଙ୍କ ଗସ୍ତକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ।

# ଢାବାରେ ଦିବ୍ୟାଙ୍ଗ କର୍ମଚାରୀକୁ ହତ୍ୟା

ବାଲୁଗାଁ,୨୬।୩(ସମିସ): ବାଲୁଗାଁ ଥାନା ଅଧିନ ନାଭାଲ ଫାଣ୍ଡି ଅନ୍ତର୍ଗତ ୧୬ ନମ୍ବର ରାଜପଥ ପାଶ୍ୱର୍ ସୁବୁଦ୍ଧି ପାଟଣା ଗ୍ରାମ ଛକର ଅନତି ଦୂର ଏକ ଢାବାରେ ଜଣେ ଦିବ୍ୟାଙ୍ଗ କର୍ମଚାରୀଙ୍କୁ ବୁଧବାର ରାତିରେ ଗଳାକାଟି ହତ୍ୟା କରାଯାଇଛି। ପୁଲିସ ଢାବା ପଛପଟ ବିଲରୁ ଶବ ଜବତ କରି ତଦନ୍ତ ଜାରି ରଖିଛି। ମୃତ ଦିବ୍ୟାଙ୍ଗ ଯୁବକ ଜଣକ ବାଣପୁର ଥାନା ଅନ୍ତର୍ଗତ ଏକଡାଳିଆ ଗ୍ରାମର ପପୁ ଦଳବେହେରା (୨୨)।

ସୂଚନା ମୁତାବକ, ପପୁ ସୁବୁଦ୍ଧିପାଟଣା ଗ୍ରାମ ଛକର ଅନତି ଦୂରରେ ଥିବା ପଣ୍ଡା ଢାବାରେ କାମ କରୁଥିଲେ। ଦୈନନ୍ଦିନ ଭଳି ବୁଧବାର ରାତିରେ କାମ ସାରି ପପୁ ଅନ୍ୟ ସାଥୀ କର୍ମଚାରୀଙ୍କ ସହ ଢାବାରେ ଶୋଇଥିଲେ। ମାତ୍ର ବିଳମ୍ବିତ ରାତିରେ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଗଳା

■ ପଛପଟ ବିଲରୁ ମିଳିଲା ମୃତଦେହ

■ ମାଲିକ ଓ କର୍ମଚାରୀ ଅଟକ

କାଟି ହତ୍ୟା ପରେ ପଛପଟ ବିଲକୁ ମୃତଦେହ ଫିଙ୍ଗି ଦେଇଥିଲେ। ଗୁରୁବାର ସକାଳୁ ଢାବା ମାଲିକ ଆସି ପପୁଙ୍କୁ ଖୋଜାଖୋଜି କରିବା ପରେ ପଛପାଶ୍ୱର୍ ଏକ ବିଲରୁ ତାଙ୍କ ରକ୍ତ ଜୁଡୁବୁଡୁ ଶବ ମିଳିଥିଲା। ତୁରନ୍ତ ତାଙ୍କୁ ବାଲୁଗାଁ ଡାକ୍ତରଖାନାକୁ ନେବାସହ ପପୁଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମେଡିକାଲରେ ଡାକ୍ତର ପପୁଙ୍କୁ ମୃତ ଘୋଷଣା କରି ପୁଲିସକୁ ସୂଚନା ଦେଇଥିଲେ। ବାଲୁଗାଁ ପୁଲିସ ପହଞ୍ଚି ମୃତଦେହ ଜବତ କରି ଏକ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ବାଲୁଗାଁ ଏସ୍‌ଡିପିଓ ସଂଜୟ ପଟ୍ଟନାୟକ, ଥାନା ଅଧିକାରୀ ଜୟପ୍ରକାଶ ପରିଡା, ସାଇଣ୍ଟିଫିକ୍ ଟିମ ସହାୟତାରେ ଘଟଣାସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛନ୍ତି। ତେବେ ତଦନ୍ତ ବେଳେ ଢାବା ମଧ୍ୟରେ ବିଭିନ୍ନ ସ୍ଥାନରେ ରକ୍ତଛିଟା ପଡ଼ିଥିବାବେଳେ ତହାକୁ ପୋଛା ଯାଇଥିବା ସହିତ ପପୁଙ୍କ ମୁହଁରେ କ୍ଷତଚିହ୍ନ ଥିବା ସହ ଧାରୁଆ ଅସ୍ତ୍ରରେ ଗଳା କଟାଯାଇଥିବା ଦେଖିବାକୁ ମିଳିଥିଲା।

## ରାଜ୍ୟରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଉପରେ ସମୀକ୍ଷା

# ରାଜ୍ୟରେ ମହଜୁଦ ଅଛି ପର୍ଯ୍ୟାପ୍ତ ଇନ୍ଧନ ଓ ଗ୍ୟାସ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୩(ସମିସ): ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି। ରନ୍ଧନ ଗ୍ୟାସ୍‌ର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକର କଳାବଜାରୀ ନ ହୁଏ, ସେଥିପ୍ରତି ସଜାଗ

**ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**

ରହିବା ସହିତ ରାଜ୍ୟବ୍ୟାପୀ ଚଢ଼ଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ବୈଠକ ଅବସରରେ ରବି ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସାର ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀ ସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିସନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀରେ ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ



ପୁରୀ,୨୬।୩(ସମିସ): ଘୋଷଯାତ୍ରା ପାଇଁ ଗୁରୁବାର ବୌଦ୍ଧ ମାଧବପୁର ବନଖଣ୍ଡରୁ ତୃତୀୟ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିଛି। ଗୋଟିଏ ଟ୍ରକ୍‌ରେ ୨୮ଖଣ୍ଡ ଅସନ କାଠ ପହଞ୍ଚିଥିବାବେଳେ ତନ୍ମଧ୍ୟରୁ ୧୨ଫୁଟିଆ ୯ଖଣ୍ଡ, ୨୦ଫୁଟିଆ ୧୯ଖଣ୍ଡ କାଠ ରହିଛି। ଶ୍ରୀପଞ୍ଚମୀରେ ମହାପ୍ରଭୁଙ୍କ ତିନି ରଥର କାଠ ଅନୁକୂଳ ପୂଜା ହୋଇ ସାରିଛି। ୩ଟି ୧୨ ଫୁଟିଆ ଧଉରା କାଠ ରଥକାଠ ଅନୁକୂଳ ପର୍ବରେ ପୂଜା କରାଯାଇଥିଲା। ଏବେ ଅକ୍ଷୟ ତୃତୀୟାକୁ ଅପେକ୍ଷା କରାଯାଇଛି। ଏହି ତିଥିରେ ମହାପ୍ରଭୁଙ୍କ ତିନି ରଥର ନିର୍ମାଣ ଅନୁକୂଳ ପର୍ବ ସମ୍ପନ୍ନ ହେବ। ତା' ପୂର୍ବରୁ ତିନି ରଥ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଆବଶ୍ୟକ ରଥ କାଠ ୪ଟି ଜିଲ୍ଲା ଗଞ୍ଜାମ, ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧାରୁ ପୁରୀ ରଥଖଳାରେ ପହଞ୍ଚାଇବାକୁ ବନ ବିଭାଗ ପ୍ରସ୍ତୁତି ଚଳାଇଛି। ରଥ ନିର୍ମାଣ ସଂହିତା ମୁତାବକ ପ୍ରତିବର୍ଷ ୮୬୫ ଖଣ୍ଡ କାଠ ତିନି ରଥ ନିର୍ମାଣରେ ଲାଗି ହେଉଛି। ରଥ ନିର୍ମାଣ ପାଇଁ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ୨୦ଫୁଟିଆ ଓ ୧୨ଫୁଟିଆ ଅସନ, ଧଉରା ଦ୍ୱିତୀୟ ପର୍ଯ୍ୟାୟରେ ୨୦ଫୁଟିଆ ୧୫ ଖଣ୍ଡ ଧଉରା କାଠ ପହଞ୍ଚିଥିଲା। ପୂର୍ବ ବର୍ଷର ୪୭ ଖଣ୍ଡ କାଠ ବଳକା ରହିଛି। ଏହାକୁ ବାଦ୍ ଦେଲେ ଚଳିତ ବର୍ଷ କାଠକୁ ମିଶାଇ ୭୦୭ ଖଣ୍ଡ କାଠ ବିଭିନ୍ନ ବନମଣ୍ଡଳରୁ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି।

## ଏସସିବି ଅଗ୍ନିକାଣ୍ଡ ଘଟଣାରେ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ସ୍ୱାସ୍ଥ୍ୟ ସଚିବ ଓ ଅଗ୍ନିଶମ ଡିଜିଙ୍କୁ ହାଜର ନିର୍ଦ୍ଦେଶ

କଟକ, ୨୬।୩ (ସମିସ): ରାଜ୍ୟର ଅଗ୍ରଣୀ ସରକାରୀ ଚିକିତ୍ସାଳୟ କଟକ ଏସ୍‌ସିବି ମେଡିକାଲରେ ବ୍ୟାପକ ସଂସ୍କାର ଏବଂ ସୁରକ୍ଷା ବ୍ୟବସ୍ଥାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷକରି, ଲିଭର୍ ଟ୍ରାନ୍ସପ୍ଲାଣ୍ଟ (ଯକୃତ ପ୍ରତିରୋପଣ) ସେବା ଆରମ୍ଭ କରିବାରେ ପ୍ରଶାସନିକ ବିଳମ୍ବକୁ କୋର୍ଟ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଯଦିଓ ଏଥିପାଇଁ ଆବଶ୍ୟକ ପ୍ରସ୍ତାବ ଡିସେମ୍ବର ୨୦୨୫ରୁ ସରକାରଙ୍କ ଉଚ୍ଚସ୍ତରରେ ପଡ଼ିରହିଛି, ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବାରୁ ଜଷ୍ଟିସ୍ କେ.ଆର୍ ମହାପାତ୍ର ଏବଂ ଜଷ୍ଟିସ ଭି. ନରସିଂହଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ରୋଗୀଙ୍କ ଜୀବନ ସହ ଜଡ଼ିତ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସହାୟତା କରିବା ପାଇଁ ଆସନ୍ତା ୯ ଏପ୍ରିଲରେ ଆଡଭୋକେଟ୍ ଜେନେରାଲଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୋର୍ଟ ଅନୁରୋଧ କରିଛନ୍ତି। ସେହିପରି ମେଡିକାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଏବଂ ଶିଶୁଭବନ ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରି ସମ୍ବେଦନଶୀଳ ସ୍ଥାନରେ ଅଗ୍ନିନିରାପତ୍ତା ବ୍ୟବସ୍ଥାର ଅଭାବକୁ ନେଇ କୋର୍ଟ କଡ଼ା ପ୍ରଶ୍ନ ଉଠାଇଛନ୍ତି।

ସ୍ଥିତି ସମୀକ୍ଷା ପାଇଁ ସ୍ୱାସ୍ଥ୍ୟ ସଚିବ ଏବଂ ଅଗ୍ନିଶମ ବିଭାଗ ଡିଜିଙ୍କୁ ମଧ୍ୟ ୯ ଏପ୍ରିଲରେ ହାଜର ହୋଇ ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ସିବି ମେଡିକାଲରେ ରୋଗୀସେବାକୁ ଅଧିକ ସ୍ୱଚ୍ଛ ଓ ସୁବିଧାଜନକ କରିବା ପାଇଁ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମଧ୍ୟ କୋର୍ଟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଶେଷକରି, ନିରାମୟ କେନ୍ଦ୍ରଗୁଡ଼ିକରେ ଔଷଧର ଉପଲବ୍ଧତା ସମ୍ପର୍କରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ତୁରନ୍ତ ସୂଚନା ଦେବା ପାଇଁ ରିଅଲ୍-ଟାଇମ୍ ଡିଜିଟାଲ୍ ଡିସପ୍ଲେ ବୋର୍ଡ ସ୍ଥାପନ କରିବାକୁ କୁହାଯାଇଛି। ଏହି କାର୍ଯ୍ୟର ଅଗ୍ରଗତି ନେଇ ମେ' ୭ତାରିଖ ସୁଦ୍ଧା ଆଫିଡେଭିଟ୍ ଦାଖଲ କରିବାକୁ ସରକାରଙ୍କୁ କୁହାଯାଇଛି।

ଅନ୍ୟପକ୍ଷରେ, ମେଡିକାଲର କେନ୍ଦ୍ରୀୟ ରୋଷେଇଶାଳରେ ସ୍ୱାସ୍ଥ୍ୟକର ପରିବେଶ ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଲୁହା ଜାଲି ଗେଟ୍ ଲଗାଯାଇଥିବା ସୂଚନାକୁ କୋର୍ଟ ଗ୍ରହଣ କରିଛନ୍ତି। ଏହି ବ୍ୟବସ୍ଥା ପ୍ରକୃତରେ କେତେ ପ୍ରଭାବଶାଳୀ ହୋଇଛି, ତାହାର ସ୍ଥଳବିଶେଷ ଅନୁଧ୍ୟାନ କରି ମେ' ୧୪ ସୁଦ୍ଧା ରିପୋର୍ଟ ଦେବାକୁ ଆଡଭୋକେଟ୍ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟଙ୍କ ଏହି କଠୋର ଆଭିମୁଖ୍ୟ ପରେ ଏସସିବିରେ ଦୀର୍ଘ ଦିନରୁ ଅଟକି ରହିଥିବା ଅନେକ ଜନହିତକର କାର୍ଯ୍ୟ ତ୍ୱରାନ୍ୱିତ ହେବାର ଆଶା ସୃଷ୍ଟି ହୋଇଛି।




ବିଧାନସଭା ପରିସରରେ ବିଜେଡି ସଦସ୍ୟମାନଙ୍କ ପକ୍ଷରୁ ଏସ୍‌ସିବି ଅଗ୍ନିକାଣ୍ଡ ମୃତକଙ୍କୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

# ମଧ୍ୟପ୍ରଦେଶରେ ବସ୍ ଦୁର୍ଘଟଣା; ୧୦ ମୃତ

ଭୋପାଳ, ୨୬।୩: ମଧ୍ୟପ୍ରଦେଶର ଛିନ୍ଦୱାରାରେ ଆଜି ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୩୫ ଜଣ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଏକ ରାଲିରେ ଯୋଗଦେଇ ୪୫ ଜଣ ଏକ ବସ୍‌ରେ ଫେରୁଥିଲେ। ସନ୍ଧ୍ୟା ୭ଟା ୧୫ ମିନିଟରେ ନାଗପୁର ହାଇ।।ୱେରେ ବୀପରିତ ଦିଗରୁ ଆସୁଥିବା ଏକ ମିନି ଟ୍ରକ ସହ ଏହି ବସର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ପରେ ବସଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୧୦ ଜଣ ପ୍ରାଣ ହରାଇଥିବା ବେଳେ ଆହତ ୩୫ ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର ଯେଉଁ ୧୦ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ଦୁଇ ଜଣ ଡ୍ରାଇଭର, ତିନି ମହିଳା ଓ ଦୁଇ ଶିଶୁ।

# ବଜ୍ରପାତରେ ୧୨ ଗୁରୁତର

ରାୟଗଡ଼,୨୬।୩:(ସମିସ): ଗଜପତି ଜିଲ୍ଲା ରାୟଗଡ଼ ଥାନା ମାର୍ଲବା ପଞ୍ଚାୟତ ପେକଟ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବଜ୍ରପାତରେ ୧୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ରାୟଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ପେକଟ ଗ୍ରାମବାସୀ ଦିନ ତମାମ ବଗଡ଼ କାମ ସାରି ସନ୍ଧ୍ୟାରେ ଫେରି ଘରେ ଥିଲେ। ହଠାତ୍ ବର୍ଷାପବନ ସହ ବଜ୍ରପାତ ହୋଇଥିଲେ। ଗାଁ ମଝିରେ ଥିବା ଏକ ନଡ଼ିଆ ଗଛ ବଜ୍ରପାତରେ ଜଳିଯାଇଥିଲା। ଘର ବାରଣ୍ଡାରେ ବସିଥିବା କେତେକ ପୁରୁଷ ଓ ରୋଷେଇ କରୁଥିବା କେତେକ ମହିଳା ଗୁରୁତର ହୋଇଥିଲେ।

ସେମାନେ ହେଲେ ସୁନୀତି ଶବର (୪୦), ସମ୍ବାରି ଶବର (୬୦), ବଚନି ଶବର (୩୮) ମନିତା ଶବର (୧୭), ତପରି ଶବର (୧୯), ଟୁନି ଶବର (୧୪), ସୁମନ୍ତ ଶବର (୪୨), ସିଫନ କାର୍ଜୀ (୪୫), ତପନ କାର୍ଜୀ(୩୮),କଇନା ରାଇକା (୨୯), ବେରେନ୍ତି କାର୍ଜୀ (୩୧), ଜଗନ୍ନାଥ ଶବର (୨୩)।

# ଅଧିକାଂଶ ପୁଲିସ କାର୍ଯ୍ୟକ୍ରମରେ ଆଇପିଏସ୍‌ଙ୍କ ଦେଖା ମିଳୁନି

ଭୁବନେଶ୍ୱର,୨୬।୩(ସମିସ): ପୁଲିସ କାର୍ଯ୍ୟକ୍ରମରେ ଦେଖା ଦେଉନାହାନ୍ତି ବରିଷ୍ଠ ଆଇପିଏସ୍ ଅଫିସର। କାର୍ଯ୍ୟକ୍ରମ ଚାଲିଥିଲା ବେଳେ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ଉପସ୍ଥିତି ଏକପ୍ରକାର ଶୂନ୍ ହୋଇଯାଉଛି। ଅଳ୍ପ କେତେଜଣ ଆଇପିଏସ୍ ଅଫିସରଙ୍କୁ ନେଇ ଆୟୋଜିତ ହେଉଛି ପୁଲିସର ବଡ଼ ବଡ଼ କାର୍ଯ୍ୟକ୍ରମ। ଅଧିକାଂଶ କାର୍ଯ୍ୟକ୍ରମରେ ସେମାନଙ୍କୁ ନିମନ୍ତ୍ରଣ କରାଯାଉଛି। ଆବଶ୍ୟକତା ମଧ୍ୟ ରହୁଛି। ଆସିବା ପାଇଁ ମଧ୍ୟ ସେମାନେ ସହମତି ପ୍ରକାଶ କରୁଛନ୍ତି; ହେଲେ ଠିକ୍ ସମୟରେ ସେମାନଙ୍କ ଉପସ୍ଥିତି ଦୃଶ୍ୟମାନ ହେଉ ନାହିଁ। କେତେବେଳେ ପରେଡ୍ ଗ୍ରାଉଣ୍ଡରେ ଦେଖାଯାଉ ନାହାନ୍ତି ତ ପୁଣି କେତେବେଳେ ପୁଲିସ ଦ୍ୱାରା ଆୟୋଜିତ ବଡ଼ ବଡ଼ କାର୍ଯ୍ୟକ୍ରମରେ ଆଇପିଏସ୍‌ଙ୍କ ଚଉକି ଖାଲି ପଡୁଛି।

କିଛିଦିନ ତଳେ ପୁଲିସ ସ୍ତରରେ ଏକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ବହୁ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ସେଠାକୁ ଯିବା ପାଇଁ ନିମନ୍ତ୍ରଣ ବି କରାଯାଇଥିଲା। ଡାଏସ୍‌ରେ ଏକାଧିକ ଚେୟାର ମଧ୍ୟ ଆଇପିଏସ୍‌ମାନଙ୍କ ପାଇଁ ପଡ଼ିଥିଲା। ହେଲେ କିଛି ବରିଷ୍ଠ ଆଇପିଏସ୍ ସେଠାକୁ ଆସି ନ ଥିଲେ।

**୩୪ ଆଇପିଏସ୍‌ଙ୍କୁ ପୁଲିସ ମହାନିର୍ଦ୍ଦେଶକଙ୍କ ଚିଠି**

ଯାହାଫଳରେ ମଞ୍ଚରେ ଅତିଥିଙ୍କ ପାଇଁ ପଡ଼ିଥିବା ଚେୟାର ସଂଖ୍ୟାକୁ କମାଇ ଦିଆଗଲା। ଏହାକୁ ନେଇ ପୁଲିସ ସ୍ତରରେ ଟୁପୁରୁଟାପର ଆରମ୍ଭ ହୋଇଛି।

ମିଳିଥିବା ସୂଚନା ମୁତାବକ, କିଛିଦିନ ତଳେ ରାଜଧାନୀରେ ବିଏନ୍‌ଏସ୍ ସମ୍ମିଳନୀର ଆୟୋଜନ ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ସମସ୍ତ ଆଇପିଏସ୍ ଅଫିସରଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଥିଲା। ବହୁ ଦିନ ଧରି ଏହି ସମ୍ମିଳନୀ ଚାଲିଥିଲା। କିଛି ଆଇପିଏସ୍ ଅଫିସର ଏଥିରେ ଯୋଗ ଦେଇଥିଲା ବେଳେ ଆଉ କିଛି ଜଣଙ୍କ ଦେଖା ମିଳି ନ ଥିଲା। ଆଉ କିଛି କେବଳ ହାଜିରା ପକାଇବା ଉଦ୍ଦେଶ୍ୟରେ ମୁହଁ ଦେଖାଇ ଚାଲି ଯାଇଥିଲେ। ଭୁବନେଶ୍ୱର ଏବଂ କଟକରେ ରହୁଥିବା କିମ୍ବା କାର୍ଯ୍ୟ କରୁଥିବା କିଛି ବରିଷ୍ଠ ଆଇପିଏସ୍‌ଙ୍କ ଏହି ଉତ୍ସବରେ ଦେଖା ନ ଥିଲା।

ଲଗାତାର ଭାବେ ପୁଲିସ କାର୍ଯ୍ୟକ୍ରମରେ ଆଇପିଏସ୍ ଅଫିସରଙ୍କ ଦେଖା ନ ମିଳିବାକୁ ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ବିରକ୍ତି ପ୍ରକାଶ କରିଛନ୍ତି। ବରିଷ୍ଠ ଆଇପିଏସ୍ ଅଧିକାରୀମାନଙ୍କୁ ଏହି ଉଦ୍ଦେଶ୍ୟରେ ସେ ଚିଠି କରିଛନ୍ତି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ପୁଲିସ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ୍‌ମାନେ ଉପସ୍ଥିତ ରହୁ ନାହାନ୍ତି। ତେଣୁ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। କେବଳ ଅନୁରୋଧ ନୁହେଁ; କାର୍ଯ୍ୟକ୍ରମରେ ବୋଲି ତାଗିଦ୍ କରାଯାଇଛି। ଏହି ଚିଠିରେ ୩୪ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ନାମ ରହିଛି। ଏପରିକି ଜିଲ୍ଲା ଏସ୍‌ପି, ଡିସିପି ଏବଂ ଭୁବନେଶ୍ୱର ଏବଂ କଟକ ୟୁପିଡିରେ ନିଯୁକ୍ତି ପାଇଥିବା ଏସିପିଙ୍କ ନାମ ମଧ୍ୟ ରହିଛି। ଏ ସମ୍ପର୍କରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆଁ 'ସକାଳ'କୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପୁଲିସ ପକ୍ଷରୁ 'ରାଇଜିଂ ଡେ' ଭଳି ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହା ଏକ ନିୟମିତ ପ୍ରକ୍ରିୟା ବୋଲି ଡିଜିପି କହିଛନ୍ତି।

# ଭିଜିଲାନ୍ସ ଜାଲରେ ଡହ ଏସ୍‌ଡିଓ

ଭଞ୍ଜନଗର,୨୬ ।୩(ସମିସ):



ଡହ ଜଳସମ୍ପଦ ସହକାରୀ ନିର୍ବାହୀଯନ୍ତ୍ରୀ ପଞ୍ଚୁ ବେହେରାଙ୍କ ସରକାରୀ ବାସଭବନ ସମେତ ୫ଟି ସ୍ଥାନରେ ଚଢ଼ଉ ଜାରି ରଖିଛି ଭିଜିଲାନ୍ସ ଟିମ୍। ଗୁରୁବାର ସକାଳୁ ସକାଳୁ ବ୍ରହ୍ମପୁରରୁ ଏକ ଭିଜିଲାନ୍ସ ଟିମ୍ ଡିଏସପି ଜଗବନ୍ଧୁ ଅଙ୍ଗାରିଆଙ୍କ ନେତୃତ୍ୱରେ ଭଞ୍ଜନଗରରେ ପହଞ୍ଚି ପ୍ରଥମେ ଡହ ଜଳଭଣ୍ଡାର ଉପବିଭାଜନ କାର୍ଯ୍ୟାଳୟ ଉପରେ ଚଢ଼ଉ କରିଥିଲେ। ତେବେ ସେଠାରେ କିଛି ମିଳିନଥିଲା। ପରେ ଏହି ଟିମ୍ ନିର୍ବାହୀଯନ୍ତ୍ରୀଙ୍କ ଭଞ୍ଜନଗର ସ୍ଥିତ ସରକାରୀ ବାସଭବନରେ ପହଞ୍ଚି ଥିଲେ। ଏସଡିଓ ବେହେରା ଘରେ ଶୋଇଥିବା ବେଳେ ଅଚାନକ ଭିଜିଲାନ୍ସ ଟିମ୍‌କୁ ଦେଖି ସାମାନ୍ୟ ହଡ଼ବଡ଼େଇ ଯାଇଥିଲେ। ସେତେବେଳେକୁ ଭିଜିଲାନ୍ସ ଟିମ୍ ବାସଭବନକୁ ଚାରିପାଖରୁ ଘେରି ଯାଇଥିଲେ। ଆଉ ଟିମ୍ ଘର ଭିତରେ ପଶି ସମସ୍ତ ପ୍ରକାର କାଗଜପତ୍ର ଯାଞ୍ଚ କରିଥିଲେ। ଏଠାରୁ ନଗଦ ୩ଲକ୍ଷ ୭୦ହଜାର ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ସହକାରୀ ନିର୍ବାହୀଯନ୍ତ୍ରୀ ବେହେରାଙ୍କ ବ୍ରହ୍ମପୁର ସ୍ଥିତ ନିଜର ଆଲିସାନ ବଙ୍ଗଳା ସମେତ ସଂପର୍କୀୟଙ୍କ ଘର, ପୋଲସରା ସ୍ଥିତ ନିଜ ପୈତୃକ ଘର ଆଦି ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି। ଚଢ଼ଉ ଶେଷରେ ଏଠାରୁ ଭିଜିଲାନ୍ସ ଟିମ୍ ଟ୍ରାପରେ ପଡିଥିବା ସହକାରୀ ନିର୍ବାହୀଯନ୍ତ୍ରୀ ପଞ୍ଚୁ ବେହେରାଙ୍କୁ ଏଠାରୁ ତାଙ୍କର ବ୍ରହ୍ମପୁର ବାସଭବନକୁ ନେଇଛନ୍ତି। ସେ ବିପୁଳ ସମ୍ପତ୍ତିର ଅଧିକାରୀ ଥିବା ଆକଳନ କରିଛି ଭିଜିଲାନ୍ସ। ନିକଟରେ ପାଖାପାଖି ଏକ କୋଟି ଟଙ୍କା ବ୍ୟୟରେ ଗୋଟିଏ ଜେସିବି ମେସିନ ସହ ଗୁଡି ସିମେଣ୍ଟ ମିଶାଉଥିବା ଏକ ବଡ ମିକଶ୍ଚର ଗ୍ରାଇଣ୍ଡର ମେସିନ୍ କିଣି ଏହାକୁ ନିଜ ପତ୍ନୀ ଓ ଶଳାଙ୍କ ନାମରେ ରଖି ତାର ଭଡା ଆଦାୟ କରୁଥିବା, ନିଜର ଏକ ଲକର୍ ଥିବା ମଧ୍ୟ ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ତେବେ ତଦନ୍ତ ଶେଷ ହେବାପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଭିଜିଲାନ୍ସ ଡିଏସପି ଜଗବନ୍ଧୁ ଅଙ୍ଗାରିଆ ସୂଚନା ଦେଇଛନ୍ତି। ଏହି ଚଢ଼ଉ ବେଳେ ଭିଜିଲାନ୍ସ ଡିଏସପି ଜଗବନ୍ଧୁ ଅଙ୍ଗାରିଆଙ୍କ ସମେତ ଇନ୍ସପେକ୍ଟର ରାଜେନ୍ଦ୍ର ନାୟକ, ଶରତ ଚନ୍ଦ୍ର ପାତ୍ର ଓ ଲିସାରାଣୀ ସେଠୀ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## କାଜୁ ଫ୍ୟାକ୍ଟ୍ରିରେ ନିଆଁ ଲଗାଇଦେଲେ

କୋଦଳା,୨୬ ।୩(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ତାଳସର ଠାରେ ଏକ କାଜୁ ଫ୍ୟାକ୍ଟ୍ରିରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ। ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗିଥିବା ବେଳେ ନିଆଁର ପ୍ରକୋପ ଜଣା ପଡିନଥିଲା। ଶୁକ୍ରବାର ସକାଳେ ଜଣା ପଡିବା ପରେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। କୋଦଳା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ କୋଟି କୋଟି ଟଙ୍କାର ମେସିନ୍ ଓ କଞ୍ଚାମାଲ ଜଳିପୋଡ଼ି ନଷ୍ଟ ହୋଇ ଯାଇଛି। ପୂର୍ବ ଶତ୍ରୁତାରୁ ଦୁର୍ବୃତ୍ତ ମାନେ ଏଭଳି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ଫ୍ୟାକ୍ଟ୍ରିରେ ତାଲା ପଡିଥିବା ବେଳେ ତାଲା ଭାଙ୍ଗି ନିଆଁ ଲଗାଇ ଦେଇଛନ୍ତି ଦୁର୍ବୃତ୍ତ। ପୂର୍ବରୁ ମଧ୍ୟ ଏହି ଫ୍ୟା।କ୍ଟ୍ରିରେ ଲୁଟ୍ କରିବା ସହ ଅତି ଅମାନୁଷିକ ଭାବେ ଫ୍ୟାକ୍ଟ୍ରିରେ ଥିବା ୩ଟି କୁକୁରକୁ ବିଷ ଦେଇ ମାରି ଦେଇଥିଲେ ଦୁର୍ବୃତ୍ତ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଫ୍ୟାକ୍ଟ୍ରି ମାଲିକ ସୁଜାତା କୁମାରୀ ଜେନା ଏନେଇ ବେଗୁନିଆପଡ଼ା ଥାନାରେ ଏତଲା ଦେଇଛନ୍ତି।

## ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ

ଧରାକୋଟ,୨୬ ।୩(ସମିସ): ଏପ୍ରିଲ ୨ ତାରିଖରେ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟର ଶିଶୁ ବାଟିକା ଶ୍ରେଣୀର ଆରମ୍ଭ ହେବ ପ୍ରବେଶ ଉତ୍ସବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦସ୍ତଖତ ଥାଇ ଧରାକୋଟ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଛି ନିମନ୍ତ୍ରଣ ପତ୍ର। ଗୁରୁବାର ବରଡାବିଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିଶୁ ବାଟିକାରେ ପିଲାଙ୍କ ନାମ ଲେଖା ପାଇଁ ଏଡିଏମ୍ ସୁନୀଲ କୁମାର କେରକେଟା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶୀଲ ପଟ୍ଟନାୟକ, ବିଆରସିସି ସୌରୀ ଶଙ୍କର ବେହେରା, ପ୍ରଧାନ ଶିକ୍ଷକ ବିରୁପାକ୍ଷ ପରିଡ଼ା ପ୍ରମୁଖ ଉକ୍ତ ଗ୍ରାମର ବାଲ୍ମୀକି ଗୌଡ଼ ଓ ସାଇପ୍ରିୟା ଗୌଡ଼ଙ୍କ ଘରକୁ ଯାଇ ପରିବାର ଲୋକଙ୍କ ଉପସ୍ଥିତିରେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ ପାତ୍ର, ଧୋବା ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

● ଧରାପଡିଲା ଲୋଚନ ବେହେରା ହତ୍ୟା ଅଭିଯୁକ୍ତ

## ଓଡ଼ଗାଁରୁ ଗିରଫ କଲା ପୁଲିସ

ଜଗନ୍ନାଥପ୍ରସାଦ,୨୬ ।୩(ସମିସ): ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଗୁପ୍ତପଲି ଗ୍ରାମ ନିକଟରେ ଜଣେ ଯୁବକର ରକ୍ତ ଜୁଡୁବୁଡୁ ମୃତଦେହକୁ ସ୍ଥାନୀୟ ପୁଲିସ ଗତ ମଙ୍ଗଳବାର ସକାଳୁ ଜବତ କରିଥିଲା। ହତ୍ୟାକାଣ୍ଡର କାରଣ ଖୋଜିଖୋଜି କରିବ ସହ ପୁଲିସ ଜଗନ୍ନାଥପ୍ରସାଦ ଓ ବୁଗୁଡ଼ା ଅଞ୍ଚଳର ୧୨ଯୁବକକୁ ଥାନାକୁ ଉଠାଇ ଆଣି ତଦନ୍ତ ଜାରି ରଖିଥିଲେ। ପ୍ରକୃତ ହତ୍ୟାକାରୀର ସୁରାଗ ପାଇଲା ପରେ ଥାନା ପକ୍ଷରୁ ବିଭିନ୍ନ ଦିଗକୁ ଚଢ଼ଉ କରାଯାଇଥିଲା। ହତ୍ୟାକାରୀକୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ବାଘୁଆ ନାରାୟଣୀ ଢାବାରୁ କାବୁ କରି ଥାନାରେ ପଚାର ଉଚରା ପରେ ସତ ମାନିଥିଲା। ଅଭିଯୁକ୍ତ ହେଲେ ଗୁପ୍ତପଲ୍ଲୀ ଗ୍ରାମର ଚନ୍ଦ୍ରମଣି ପ୍ରଧାନଙ୍କ ପୁଅ ନାରାୟଣ ପ୍ରଧାନ (୩୨)। ନାରାୟଣଙ୍କ ବୟାନ ରେକର୍ଡ ଅନୁସାରେ ନାରାୟଣ ସ୍ଥାନୀୟ ଅଞ୍ଚଳରେ ଏକ ଢ଼ାବାରେ ସପ୍ଲାୟାର ଭାବେ କାମ କରୁଥିଲା। ଘଟଣା ଦିନ ଢ଼ାବାରୁ କାମ ସାରି ଘରକୁ ଫେରିବା ବେଳେ ଗୁପ୍ତପଲ୍ଲୀ ଗ୍ରାମ ନିକଟ ଏକ ଦୋକାନକୁ ଯାଇଥିଲେ। ସେହି ସମୟରେ ମୃତକ ଲୋଚନ ବେହେରା ମଦ ପିଇ ବାଇକରେ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ଫଳରେ ପାଖରେ ଥିବା ଏକ ଠେଙ୍ଗାରେ ମାରିବା ବେଳେ ଲୋଚନର ଆଖିରେ ଆଘାତ ଲାଗିବାରୁ ତଳେ ପଡିଯାଇଥିଲେ। ପରେ ନାରାୟଣ ମଦ ନିଶାରେ ଲୋଚନର ମୁଣ୍ଡକୁ ପୁଣି ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଘଟଣାସ୍ଥଳରୁ ମୃତକର ହିରୋହଣ୍ଡା ବାଇକ (ଓଆର ୦୫ ଏକେ ୪୧୦୭) କୁ ଧରି ନାରାୟଣ ଚମ୍ପଟ ମାରିଥିଲା। ତେବେ ବାଇକର ତେଲ ସରିଗଲା ପରେ ବାଘୁଆ ମହେଶ୍ୱରପୁରର ଏକ ନିଛାଟିଆ ଜାଗାରେ ରଖି ଢ଼ାବାକୁ ଚାଲିଯାଇଥିଲା। ବୁଧବାର ନାରାୟଣକୁ ଜେରା ବେଳେ ଘଟଣା ସମ୍ପର୍କରେ କହିଥିଲା। ପୁଲିସ ପରେ ମୃତକଙ୍କ ବାଇକ୍ ଜବତ କରିଥିଲା।



ସୂଚନା ଥାଉକି ହତ୍ୟାକାଣ୍ଡ ଦିନ ଅପରାହ୍ନରେ ଫରେସିକ ଟିମ୍ ପହଞ୍ଚି ତିନୋଟି ରକ୍ତଭିଜା ଠେଙ୍ଗା, ଏକ କିପେଡ ମୋବାଇଲ ଜବତ କରିବା ସହ ରକ୍ତ ନମୁନା ସଂଗ୍ରହ କରିଥିଲା। ତଦନ୍ତ ଟିମରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ସହ ଏଏସଆଇ ପ୍ରିୟରଞ୍ଜନ ମିଶ୍ର ଓ ଟି.ପ୍ରମିଳା, ହାବିଲଦାର ଦିଲ୍ଲୀପ ରଣା, ବସନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୨୬ ।୩(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଡିଗ୍ରୀ କଲେଜରେ ଗୁରୁବାର ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ତତ୍ତ୍ୱାବଧାନରେ "ଛାତ୍ରୀ ଆ।ରକ୍ଷା ତାଲିମ୍ ଶିବିର' ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ହରପ୍ରସାଦ ରଥ, ସମ୍ମାନିତ ଅତିଥି ଭାବେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ, ଆଇନଜୀବୀ ମଞ୍ଜୁଳା ଲେଙ୍କା, କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା କୁମାରୀ ମେକାପ, କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ କାହ୍ନୁ ପାଢ଼ୀ, ଭାରତ ସ୍କାଉଟ ଏବଂ ଗାଇଡ୍ ପ୍ରଶିକ୍ଷିକା ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ, ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ଗୌଡ଼, ଶକ୍ତିଶ୍ରୀ କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସସ୍ମିତା କୁମାରୀ ପ୍ରଧାନ, ଗୁରୁବାରୀ ବେହେରା, ଅଧ୍ୟାପକ ଟୁନା ବେହେରା ଏବଂ ଆତ୍ମ ସୁରକ୍ଷା ତାଲିମ୍ ପ୍ରଶିକ୍ଷିକା ରାକ୍ଷୀ କୁମାରୀ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଶିବିରର ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।



## ଖଲିଙ୍ଗି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସାନଖେମୁଣ୍ଡି,୨୬ ।୩(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେସୁ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ବିଶିଷ୍ଟ ଅତିଥି ଭାବେ ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ରାସାୟନିକ ବିଜ୍ଞାନ ଅଧ୍ୟାପକ ଡ.କୈଳାଶ ଚନ୍ଦ୍ର ସ୍ୱାଇଁ, ସମ୍ମାନୀୟ ଅତିଥିଭାବେ ଖଲିଙ୍ଗି କ୍ଲଷ୍ଟର ସିଆରସିସି ତୋଫାନ କୁମାର ପାତ୍ର, ସରପଞ୍ଚ ଅର୍ଣ୍ଣବ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅମିନ ପ୍ରଧାନ, ସାନଖେମୁଣ୍ଡି ସାମ୍ବାଦିକ ସଙ୍ଘ ସଭାପତି କାଳୁଚରଣ ନାହାକ ବିଦ୍ୟାଳୟ ପରିଚାଳନା କମିଟି ସନ୍ତୋଷ କୁମାର ନାହାକ, ସମାଜସେବି ସଞ୍ଜୟ ରାଉତ ଯୋଗ ଦେଇ ମଞ୍ଚାସିନ ଥିଲେ। ଖେଳର ଉପକାରିତା, ଶିକ୍ଷା ସହ ଶାରୀରିକ ଶିକ୍ଷାର ଆବଶ୍ୟକତା ବିଷୟରେ ଅତିଥିମାନେ ମତ ଦେଇଥିଲେ। କୃତି ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଓ ଅନ୍ୟ କଳାକାର ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



● ମାଆ ଉଗ୍ରତାରାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

## ମାଆଙ୍କ ନଗର ପରିକ୍ରମା, ସିଂହାସନ ଆରୋହଣ

ବେଲଗୁଣ୍ଠା, ୨୬।୩(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଘୁ. ନୂଆଗାଁ ଓ ଧୁମୁଛାଇ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ନବନିର୍ମିତ ଶ୍ରୀ ଶ୍ରୀ ଶ୍ରୀ ମା ଉଗ୍ରତାରାଙ୍କ ମନ୍ଦିର ପ୍ରତିଷ୍ଠା ଓ ବତିଶି ପ୍ରହର ଅଖଣ୍ଡ ନାମଯଜ୍ଞ ମହାସମାରୋହରେ ଜାରି ରହିଛି ଓ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି ଓ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଖୋର୍ଦ୍ଧା ଜିଲ୍ଲା ଭୁଷଣ୍ଡପୁରସ୍ଥିତ ମା ଉଗ୍ରତାରାଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇ ବେଲଗୁଣ୍ଠା ସହର ସମେତ ଘୁ. ନୂଆଗାଁ ଓ ଧୁମୁଛାଇ ଗ୍ରାମ ପରିକ୍ରମା କରାଯାଇ ବଡ଼ନଦୀ ସେତୁ ପାଦଦେଶରେ ନିର୍ମିତ ନୂତନ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପରେ ରୀତିନୀତି ମୁତାବକ ଗ୍ରାମରେ ସୋମବାର ସକାଳୁ ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ମନ୍ଦିରରେ ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନିସ୍ଥାପନ ଓ ଚଣ୍ଡୀପାଠ ଆଦି ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ମହାସ୍ନାନ, ଯଜ୍ଞ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇ ବୁଧବାର ଦିନ ନାନାଦେବଦେବୀ ହବନ ଓ ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଆଜି ମା'ଙ୍କୁ ବନ୍ଦାପନା କରାଯାଇ ନୂଆଁଗାଁ ଏବଂ ଧୂମୂଛାଇରେ ମାଆଙ୍କ ନଗର ପରିକ୍ରମା କରାଯାଇଥିଲା ଓ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ମାଆଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିବା ବେଳେ ବର୍ତ୍ତମାନ ମାଆଙ୍କ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ଚାଲିଛି ଓ ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁର ସ୍ଥିତ ମାଆ ଉଗ୍ରତାରା ପୀଠରୁ ଆସିଥିବା ଆଠ ଜଣିଆ ପୂଜକ ଦଳ ମାଆଙ୍କ ପୂଜା କର୍ମରେ ନିଯୁକ୍ତ ହୋଇଛନ୍ତି ଓ ଆସନ୍ତା କାଲି ସକାଳ ନଅ ଘଣ୍ଟା ସମୟରେ ପୂର୍ଣ୍ଣାହୁତି ସହ ନାମ ଯଜ୍ଞ ସମାପନ, ଦଧି ହାଣ୍ଡି ଭଞ୍ଜନ, ଯମୁନା ସ୍ନାନ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଓଏହି ପବିତ୍ର ଉତ୍ସବକୁ ଦେଖିବା ପାଇଁ ବେଲଗୁଣ୍ଠା ଓ ଭଞ୍ଜନଗର ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶହ ଶହ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ମନ୍ଦିର ପରିଚାଳନା କମିଟି ସମେତ ଉଭୟ ଗ୍ରାମର ଶତାଧିକ ଯୁବ ସ୍ୱେଚ୍ଛାସେବୀ ଶୃଙ୍ଖଳା ରକ୍ଷା ଓ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି। ଶ୍ରଦ୍ଧାଳୁମାନେ ନାମାମୃତ ପାନ କରିବା ସହ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି।

## ଦିଗପହଣ୍ଡିରେ ଆଇନ ସଚେତନତା ସଭା

ଦିଗପହଣ୍ଡି,୨୬ ।୩(ସମିସ): ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି (ଟିଏଲଏସସି) ପକ୍ଷରୁ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ଭବନ ପରିସରରେ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ହର ପ୍ରସାଦ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସିଭିଲ ଜଜ ସିନିୟର୍ ଡିଭିଜନ କୋର୍ଟର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଥାନା ଆଇଆଇସି କିଶୋର କୁମାର ସାମଲ, ସରକାରୀ ଓକିଲ ହେମନ୍ତ କୁମାର ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ, ମିଶନ ଶକ୍ତି ବ୍ଲକ ସଂଯୋଜକ ଦୁର୍ଯ୍ୟୋଧନ ମଲ୍ଲିକ, ଆଇନଜୀବୀ କୁରେଶୁ ପଣ୍ଡା, ପ୍ରଦୀପ କୁମାର ନାୟକ, ବିଚାର ବିଭାଗୀୟ କର୍ମଚାରୀ ପ୍ରଦୀପ କୁମାର ଶତପଥୀ, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଯୌତୁକ ନିରୋଧ ଆଇନ, ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ ଉପରେ ଆଲୋକପାତ କରାଯିବା ସହ ମାଗଣା ଆଇନ ସହାୟତା ବ୍ୟବସ୍ଥା ଉପରେ ମଧ୍ୟ ଉପସ୍ଥିତ ଅଙ୍ଗନବାଡ଼ି କର୍ମୀ ଓ ମହିଳା ମାନଙ୍କୁ ସଚେତନ କରାଯାଇଥିଲା। ବିଚାର ବିଭାଗୀୟ କର୍ମଚାରୀ ସଂଗ୍ରାମ କେଶରୀ ପଣ୍ଡା, ପ୍ରଦୀପ କୁମାର ପୁରୋହିତ, ରୁଦ୍ର ପ୍ରସାଦ ତାଣ୍ଡିଆ, ଆକାଶ କୁମାର ପାଢ଼ୀ, ନିରଞ୍ଜନ ଶବର, କାଳିଆ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘରକୁ ଘର ବୁଲି ଅଭିଭାବକଙ୍କୁ ନିମନ୍ତ୍ରଣ

ଛତ୍ରପୁର,୨୬ ।୩(ସମିସ): ଗୁରୁବାର ଛତ୍ରପୁର ଏନଏସି ଅଧୀନ ମୁରଲୀ ନଗର ଓ ଚର୍ଚ୍ଚ ରୋଡ ସ୍ଥିତ କୁନି କୁନି ପିଲାଙ୍କ ଘରକୁ ଯାଇ ବିଦ୍ୟାଳୟରେ ଶିଶୁ ବାଟିକାରେ ନାମ ଲେଖାଇବାକୁ ନିମନ୍ତ୍ରଣ ପତ୍ର ପରିବାର ବର୍ଗଙ୍କୁ ପ୍ରଦାନ କରିଥିଲେ ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ସହ ପରିବାର ସହ ଆଲୋଚନା କରିଥିଲେ ଛତ୍ରପୁର ବିଇଓ ଶ୍ରୀ ପାଢ଼ୀ। ଆସନ୍ତା ୨ରେ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେଠାରେ ନାମ ଲେଖେଇବାକୁ ବିଇଓ ପରିବାର ବର୍ଗଙ୍କୁ ଅନୁରୋଧ କରିଥିଲେ। ନିମନ୍ତ୍ରଣ ପତ୍ର ପ୍ରଦାନ ବେଳେ ଏବିଇଓ ନମିତା ରାଉତ, ବିଆରସିସି ସଞ୍ଜୁକ୍ତା ରଥ, ସିଆରସିସି ଆଲୋକ କୁମାର ସେଠୀ, ସୁଶାନ୍ତ କୁମାର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ କୁସମପ୍ରଭା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋଦଳା,୨୬ ।୩(ସମିସ): କୋଦଳା ଏନଏସି ସ୍ଥିତ ପିଏମ୍‌ଶ୍ରୀ ସ୍ୱର୍ଣ୍ଣମୟୀ ଉଚ୍ଚ ବିଦ୍ୟାଳୟର ୭୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଓ ଗୁରୁବାର ୨ ଦିନ ଧରି ଅନୁଷ୍ଠିତ ଉତ୍ସବର ପ୍ରଥମ ଦିନର କ୍ରୀଡା ଉତ୍ସବରେ ସମସ୍ତ ଛାତ୍ରଙ୍କୁ ଧରି ଶିକ୍ଷକ ଶିକ୍ଷୟିତ୍ରୀ କୋଦଳା ବିଜେ ବାବା ଶ୍ରୀଦଣ୍ଡିଶ୍ୱରଙ୍କ ନିକଟରୁ ମଶାଲ ଧରି ମଞ୍ଚନିକଟକୁ ଆସି ଆବାହକ ତଥା ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଉଦଘାଟନ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଅଲମ୍ପିୟନ ଏସିଆନ ପୁରସ୍କାର ବିଜେତା ଡ଼ିଏସପି ରବି କୁମାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋଦଳା କାରାଗାର ଅଧିକ୍ଷକ ମନୋଜ କୁମାର ସୂଆର, ଶାରୀରିକ ଟ୍ରେନର ସୀମାଞ୍ଚଳ ବାରିକ, ପୁରାତନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର, ଉପମନ୍ୟୁ ଶତପଥୀ, ସିଆରସିସି ବିଷ୍ଣୁ ପ୍ରସାଦ ସିଂ ଯୋଗଦେଇଥିଲେ।। ଶେଷରେ କ୍ରୀଡାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ପୂର୍ବତନ ଶିକ୍ଷୟିତ୍ରୀ ଇପ୍ସିତା ମିଶ୍ର। ଗୁରୁବାର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କୋଦଳା ଏବିଓ ରବିନ୍ଦ୍ର ନାଥ ଶବର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର କୁମାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମଧ୍ୟ ପୂର୍ବତନ ଶିକ୍ଷୟତ୍ରୀ ଇପ୍ସିତା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ,ଛାତ୍ରଛାତ୍ରୀମାନଙ୍କ ସହ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ। ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




● ଏଚ୍‌ପିଭି ଟିକା ଗର୍ଭାଶୟର ସୁରକ୍ଷା କବଚ

## ସଚେତନ କରୁଛନ୍ତି ପର୍ବତାରୋହୀ ସମୀରା



ଛତ୍ରପୁର,୨୬ ।୩(ସମିସ): ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଗର୍ଭାଶୟ ମୁଖ କର୍କଟର ନିରାକରଣ ପାଇଁ ପର୍ବତାରୋହୀ ତଥା ସାହସିକ ଅଭିଯାତ୍ରୀ ସମୀରା ଖାନ ଏକ ବ୍ୟାପକ ସଚେତନତା କାର୍ଯ୍ୟ କରୁଛନ୍ତି। ଗୁରୁବାର ଗଞ୍ଜାମ ପ୍ରଶାସନ ପକ୍ଷରୁ କନ୍ୟା ସନ୍ତାନ ମାନଙ୍କ ଗର୍ଭାଶୟ ମୁଖ କର୍କଟରୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ଜାତୀୟ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍.ପି.ଭି) ଟୀକାକରଣ ସଚେତନତା କାର୍ଯ୍ୟକ୍ରମ ଛତ୍ରପୁର ସ୍ଥିତ ଜଡଗଡ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପର୍ବତାରୋହୀ ତଥା ସାହସିକ ଅଭିଯାତ୍ରୀ ସମୀରା ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରୀମାନଙ୍କ ପାଇଁ ଏହି ଟୀକାକରଣ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁରର ତିନୋଟି ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡା.ଅଲେଖ ପ୍ରଧାନ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଦିଲ୍ଲିପ କୁମାର ପଣ୍ଡା, ସ୍ମୃତିବର୍ଦ୍ଦନ ଦାଶ, ଅଜୟ କୁମାର ମଲ୍ଲିକ, ଛତ୍ରପୁର ସିଡିପିଓ ପ୍ରଣମିତା ପଣ୍ଡାଙ୍କ ସମେତ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ଆସିକା,୨୬ ।୩(ସମିସ): ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁବ ରେଡ୍ କ୍ରୋସ୍, ଜାତୀୟ ସେବା ଯୋଜନା, ଜାତୀୟ କ୍ୟାଡେଟ୍ କର୍ପସ୍, ଭାରତ ରାଜ୍ୟ ସ୍କାଉଟ ଗାଇଡ ଓ ଆଞ୍ଚଳିକ ପରିବହନ ବିଭାଗ ଭଞ୍ଜନଗରର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ସଂଯୋଜନାରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ସୁଭାଶିଷ ମହାରଣା, ଯୁବ ରେଡ୍‌କସର ସଂଯୋଜକ ଡ଼. କୁନା ସୁନା, ଜାତୀୟ ସେବା ଯୋଜନାର ଅଧିକାରୀ ସିଲୁ ସେଠି, ଏନ୍.ସି.ସି.ର ଏ.ଏନ୍.ଓ ବିକାଶ ଦିଗାଲ ଉପସ୍ଥିତ ରହିଥିଲେ। ଜାଣିଲେ ଜିଣିବା ଜଣେଇବା ନ୍ୟାୟରେ କିପରି ସଡ଼କ ସୁରକ୍ଷା ସଚେତନତା ଆମେ ସଭିଙ୍କ ପାଖରେ ପହଞ୍ଚାଇବା, ସଡ଼କ ସୁରକ୍ଷା ହେଉଛି ଆମ ପରିବାରର ସୁରକ୍ଷା, ଗାଡ଼ି ଚାଳନା ସମୟରେ ଫୋନ୍ ର ବ୍ୟବହାର ନିଷେଧ ଓ ଟ୍ରାଫିକ ନିୟମ ମାନିଲେ ନିଜେ ସୁରକ୍ଷା ରହିବା, ସାମ୍ପ୍ରତିକ ସମୟରେ କିପରି ଆମର ଅବହେଳା ଯୋଗୁଁ ଦୁର୍ଘଟଣା ହେଉଛି, ସେଥିରୁ କିପରି ନିବୃତ୍ତ ରହିବା ପାଇଁ ସଚେତନ ରହିବା, ଟ୍ରାଫିକ ନିୟମ ଓ ଏଥିପ୍ରତି ଅବମାନନା କଲେ କ'ଣ କ'ଣ ଦଣ୍ଡ ବିଧାନ ରହିଛି ସେ ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ମତ ରଖିଥିଲେ।

## ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ

ଆସିକା,୨୬ ।୩(ସମିସ): ଆସିକା ଚିନିଶିଳ୍ପ ପରିଚାଳନା ପରିଷଦର ବୈଠକ ସଭାପତି ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ, ବାର୍ଷିକ ସାଧାରଣ ସଭା ଉପରେ ଆଲୋଚନା, ଚିନିଶିଳ୍ପର ଉପ ସମିତିର ସଂଚାଳନ ବୈଠକର ବିବରଣୀ ପଠନ, ଜାନୁଆରୀ ୨୬ ପର୍ଯ୍ୟନ୍ତ ଆୟ ବ୍ୟୟର ପଠନ, ଏମଡିଙ୍କ ସ୍ୱତନ୍ତ୍ର ନିଯୁକ୍ତିର ଅନୁମୋଦନ, ନୂତନ ଅଟୋ ବୋଟଲିଙ୍ଗ ଲାଇନ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା।

# ତହସିଲ୍‌ର ନାକତଳେ ବେଆଇନ ଇଟାଭାଟି

କବିସୂର୍ଯ୍ୟନଗର,୨୬ ।୩(ସମିସ):



ଗ୍ରୀନ ଟ୍ରିବୁନାଲଙ୍କ ନିର୍ଦ୍ଦେଶ, ସରକାରୀ ନୀତି ନିୟମକୁ ଉଲ୍ଲଙ୍ଘନ କରି କବିସୂର୍ଯ୍ୟନଗର ତହସିଲ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ମାଟି ଇଟାଭାଟି ବେନିୟମ ଭାବେ ପ୍ରଶାସନ ଜ୍ଞାତସାରରେ ଚାଲିଥିବା ଚାଲିଥିବା ନେଇ ଅଭିଯୋଗ ହୋଇଛି। ଏପରକି ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ର ଏ ସମ୍ପର୍କରେ ପଚାରିବାରୁ କହିଲେ, ୩୨ଟି ମାଟି ଇଟାଭାଟିରୁ ୨୦ ଟି ମାଟି ଇଟାଭାଟି ଫାଇନ ଆଦାୟ ହୋଇଛି, ବଳକା ଆଦାୟ ହେବ ବୋଲି ପ୍ରତିକ୍ରିୟାରେ କହିଛନ୍ତି। କବିସୂର୍ଯ୍ୟନଗର ପୌରାଞ୍ଚଳ ମଧ୍ୟରେ ଅର୍ଥାତ ତହସିଲ ଲାଗି ମାତ୍ର ୧୦୦ ମିଟର ଦୂରରେ ଅର୍ଥାତ ଓଡିଶା ଆଦର୍ଶ ବିଦ୍ୟାଳୟ ଆଗରେ ଦୁଇଟି, ଗୁଡ଼ିଆଳି ଗାଁ ମୁହଁରେ ଗୋଟିଏ, ଗଙ୍ଗାପୁର ଗାଁ ପୂର୍ବରୁ ଆମ୍ବତୋଟାରେ ଗୋଟିଏ, ତହସିଲ କାର୍ଯ୍ୟାଳୟ ଆଗ ମଦ ଭାଟି ଆଗରେ ଦୁଇଟି ବେନିୟମ ଇଟାଭାଟି ତିନି ମାସ ହେଲା ବିକ୍ରି ଚାଲିଲାଣି। ସେହିପରି ବୁଢ଼ାମ୍ବ, କନିଆରୀ, ସୁବଳୟା, କବିସୂର୍ଯ୍ୟନଗର ଅରବିନ୍ଦନଗର, ବାଘୁଆ ନଦୀ ହିଡ଼ ଦକ୍ଷିଣ ଅଞ୍ଚଳ,ଭେଟସିଂ ଆଦି କବିସୂର୍ଯ୍ୟନଗର ବ୍ଲକ ଅଂଚଳରେ ୫୦ ରୁ ଅଧିକ ଇଟାଭାଟି ଗଢି ଉଠିଛି କ୍ଷ ତେବେ କିଛି ଇଟାଭାଟି ମାଲିକ ଆମେ ଫାଇନ ଦେଇଛୁ ଆମେ ଭାଟି କରି ଇଟା ବିକ୍ରି କରିବୁ ଆମକୁ କେହି କିଛି କରିବାର ନାହିଁ ବୋଲି କହିଛନ୍ତି। ଭାଟିରୁ ନିର୍ଗତ ଧୁଆଁ ଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ପ୍ରବଳ ମାତ୍ରାରେ ଗରମ, ଗୁଳିଗୁଳି ଅନୁଭୂତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହେଲାଣି। ସେହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ, ଯାତ୍ରୀ ଯାତାୟାତରେ ମଧ୍ୟ ବାଧା ସୃଷ୍ଟି ହେଉଛି। ସରକାରୀ ନୀତି ନିୟମକୁ ବେଖାତିର କରି ମାଫିଆ ମାନେ ନଦୀ ପଠାରୁ, ଗୋଚର ଜମିରୁ ମନଇଚ୍ଛା ମାଟି ଉଠାଇ ଇଟାଭାଟି ନିର୍ମାଣ କରୁଛନ୍ତି। ଛୋଟ ଛୋଟ ପିଲାମାନେ ଏଥିରେ ନିୟୋଜିତ ହେଉଛନ୍ତି। ଏପରକି ଇଟାଭାଟି ପାଖରେ ଅପରିବେଶ ଭିତରେ କାରିଗର, ଶ୍ରମିକଙ୍କ ପରିବାର ବାସ କରୁଛନ୍ତି। କିନ୍ତୁ ଆଜି ଯାଏ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇନଥିବା ଅଭିଯୋଗ ହେଉଛି।

### ଟିପିଏସଓଡ଼ିଏଲ୍‌ର ଗ୍ରୀଷ୍ମକାଳୀନ ପ୍ରସ୍ତୁତି

# ଉନ୍ନତିକରଣ, ପ୍ରଯୁକ୍ତିବିଦ୍ୟା ଓ ମାନବସମ୍ବଳ ସହ ପ୍ରସ୍ତୁତ

- ଗ୍ରୀଷ୍ମ ଦିନେ ୮୫୫ ମେଗାୱାଟର ବିଦ୍ୟୁତ ଆବଶ୍ୟକତା ପୂରଣ ପାଇଁ ଟିପିଏସ୍‌ଓଡିଏଲ୍ ପ୍ରସ୍ତୁତ
- ନେଟୱର୍କ ସୁଦୃଢ଼ୀକରଣ ପାଇଁ ୧୪୫.୫ଏମଭିଏ କ୍ଷମତାର ସଂଯୋଗ
- ଡ୍ରୋନ୍ ମାଧ୍ୟମରେ ରକ୍ଷଣାବେକ୍ଷଣ ଓ ତ୍ରୁଟି ଚିହ୍ନଟ
- ତ୍ୱରିତ୍ ବିଦ୍ୟୁତ ସେବାର ପୁନରୁଦ୍ଧାର ପାଇଁ ୫,୯୨୫ କର୍ମଚାରୀ ମୁତୟନ

ବ୍ରହ୍ମପୁର,୨୬(ସମିସ): ଚଳିତ ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଜୁଳି ଚାହିଦାକୁ ଧ୍ୟାନରେ ରଖି ଟିପି ଦକ୍ଷିଣ ଓଡ଼ିଶା ବିତରଣ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କମ୍ପାନୀର ସର୍ବାଧିକ ଚାହିଦା ୮୫୫ ମେଗାୱାଟରେ ପହଞ୍ଚିବ ବୋଲି ଅନୁମାନ କରାଯାଉଥିବା ବେଳେ ଏନେଇ ଆବଶ୍ୟକୀୟ ଟେକ୍ନୋଲୋଜି, ଭିତ୍ତିଭୂମି ଓ ଗ୍ରାହକ ସେବା ବ୍ୟବସ୍ଥାକୁ କମ୍ପାନୀ କାର୍ଯ୍ୟକ୍ଷମ କରାଇଛି। ଟିପିଏସ୍‌ଓଡିଏଲ୍ ଏକ ସଶକ୍ତ ମନିଟରିଂ ସିଷ୍ଟମ୍‌କୁ କାର୍ଯ୍ୟକାରୀ କରିଛି। କମ୍ପାନୀର କାର୍ଯ୍ୟରତ କେନ୍ଦ୍ରୀଭୂତ ଶକ୍ତି ପରିଚାଳନା କେନ୍ଦ୍ର ତଥା ପାୱାର ସିଷ୍ଟମ୍ କଣ୍ଟ୍ରୋଲ୍ ସେଣ୍ଟର(ପିଏସସିସି) ବ୍ରହ୍ମପୁରଠାରେ ବ୍ୟବସ୍ଥିତ ହୋଇଥିବା ବେଳେ ଜୟପୁର, ରାୟଗଡ଼ା ଓ ଫୁଲବାଣୀଠାରେ ଏରିଆ ପାୱାର ସିଷ୍ଟମ୍ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ଗୁଡ଼ିକ ରହିଛି। ଏହି କେନ୍ଦ୍ରଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା -ସ୍କାଡା ଦ୍ୱାରା ପରିଚାଳିତ ହେଉଛି। ଯାହାକୁ ବ୍ୟବହାର କରି କମ୍ପାନୀ ବିଜୁଳି ବିତରଣ ବ୍ୟବସ୍ଥା, ଯେପରି ୩୩କେଭି ଫିଡର, ୧୧କେଭି ଫିଡର ଓ ପ୍ରାଇମେରୀ ସବଷ୍ଟେସନଗୁଡ଼ିକର ତଦାରଖ କରିପାରୁଛି। ଗ୍ରୀଷ୍ମ ନିମନ୍ତେ ଭିତ୍ତିଭୂମି ଉନ୍ନତିକରଣକୁ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱ ଦେଇଛି। ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମର ଓ ସବଷ୍ଟେସନଗୁଡ଼ିକର ଉନ୍ନତିକରଣ କରାଯାଇଛି। କମ୍ପାନୀ ନିଜର ସବ୍-ଟ୍ରାନ୍ସମିସନ୍ ସିଷ୍ଟମରେ ୧୪୫.୫ ଏମଭିଏ କ୍ଷମତା ଜୋଡ଼ି ଥିବା ବେଳେ ଯୋଗାଣ ନେଟୱର୍କରେ ୯୬ ଏମଭିଏ କ୍ଷମତା ବଢ଼ାଯାଇଛି। ଟିପିଏସ୍‌ଓଡିଏଲ୍ ପକ୍ଷରୁ ବିଜୁଳି ନେଟଓ୍ୱର୍କକୁ ମଧ୍ୟ ବିସ୍ତାର କରାଯାଇଛି। କମ୍ପାନୀ ଅତିରିକ୍ତ ୫୨.୩୧ ସର୍କିଟ କିଲୋମିଟର ସବ୍-ଟ୍ରାନ୍ସମିସନ୍ ଲାଇନ, ୧୪୫ ସର୍କିଟ୍ କିଲୋମିଟରର ୧୧କେଭି ଲାଇନ, ୧୫୫୨ସର୍କିଟ୍ କିଲୋମିଟରର ଏଲ୍.ଟି ଲାଇନ ସ୍ଥାପନ କରି ନିଜର ବିଦ୍ୟୁତ ନେଟୱାର୍କକୁ ବ୍ୟାପକ କରିଛି। ଯାହାଫଳରେ ସର୍ବାଧିକ ଚାହିଦା ସମୟରେ ଉପଯୁକ୍ତ ଭୋଲଟେଜ ସ୍ତର ବଜାୟ ରଖିବା ସହ ଗୁଣାତ୍ମକ ବିଜୁଳି ଯୋଗାଣ ସମ୍ଭବପର ହୋଇପାରିଛି। ସେହିପରି ଉଚ୍ଚ ଲୋଡ୍ ସ୍ଥିତିକୁ ପ୍ରଭାବଶାଳୀ ଢଙ୍ଗରେ ପରିଚାଳନା କରିବା ପାଇଁ ଟିପିଏସ୍‌ଓଡିଏଲ୍ ନିଜର ସବଷ୍ଟେସନଗୁଡ଼ିକରେ ୩୩ କେଭି ଫିଡରର କେନ୍ଦ୍ରୀକୃତ ନିୟନ୍ତ୍ରଣକୁ ସଂସ୍ଥାଗତ କରିଛି। ଏହାସହ, ଟିପିଏସ୍‌ଓଡିଏଲ୍ ୪୦ ଉଚ୍ଚକ୍ଷମତା ବିଶିଷ୍ଟ ପାୱାର ଟ୍ରାନ୍ସଫର୍ମରକୁ ମରାମତି କରିଛି ଓ ୧୫୨ଟି ନୂତନ ଭାକ୍ୟୁମ୍ ସର୍କିଲ ବ୍ରେକର ସ୍ଥାପନ କରିଛି। କମ୍ପାନୀର ଗ୍ରୀଷ୍ମକାଳୀନ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ସଶକ୍ତ ଭିତ୍ତିଭୂମି, ଉନ୍ନତ ମନିଟରିଂ ସିଷ୍ଟମ୍ ଓ ଏକ ଉଚ୍ଚ ପ୍ରତିକ୍ରିୟାଶୀଳ ମାନବସମ୍ବଳ ଓ ବ୍ୟବସ୍ଥା ସହାୟତାରେ ଆମେ ବଢୁଥିବା ବିଦ୍ୟୁତ ଚାହିଦାକୁ ପୂରଣ କରିବା ନିମନ୍ତେ ପ୍ରସ୍ତୁତ ରହିଛୁ।

## ଦଣ୍ଡଯାତ୍ରାର ସୁପରିଚାଳନା ନିମନ୍ତେ ବୈଠକ



ବୁଗୁଡା,୨୬ ।୩(ସମିସ): ଚଳିତ ବର୍ଷ ଦଣ୍ଡଯାତ୍ରାର ଶାନ୍ତିପୂର୍ଣ୍ଣ ତଥା ସୁପରିଚାଳନା ନିମନ୍ତେ ଏକ ନୀତି ନିର୍ଦ୍ଧାରଣ ବୈଠକ ବୁଗୁଡା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଏସଡିପିଓ ଦୀପକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ସମେତ ବୁଗୁଡା ଅଞ୍ଚଳର ବିଭିନ୍ନ ଦଣ୍ଡଯାତ୍ରା କମିଟିର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ଆଇନ ଓ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ସ୍ଥିରିକୃତ ନୀତି ନିର୍ଦ୍ଧାରଣ ପ୍ରକାରେ କୌଣସି ଅଶ୍ଳୀଳ ଏବଂ ନଗ୍ନ ନୃତ୍ୟ ପ୍ରଦର୍ଶନକୁ ବାରଣ, କଳାକାରମାନଙ୍କ ପୋଷାକ ସାଜସଜ୍ଜାରେ ଶାଳୀନତା ବଜାୟ ରଖିବା, ପୌରାଣିକ ନାଟକ ଏବଂ ଲୋକ ନୃତ୍ୟକଳା ପ୍ରତି ଧ୍ୟାନ ଦେବା, ମହିଳା କଳାକାର ମାନଙ୍କ ପାଇଁ ସୁରକ୍ଷିତ ବ୍ୟବସ୍ଥା କରିବା, କମିଟି ଦ୍ୱାରା ପର୍ଯ୍ୟାପ୍ତ ସ୍ୱେଚ୍ଛାସେବୀ ନିୟୋଜନ ସାଙ୍ଗକୁ ସେମାନଙ୍କ ନାମ ଅନୁମୋଦନ ପାଇଁ ଥାନାରେ ଦାଖଲ କରିବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

## ପଞ୍ଚ ମହାଯଜ୍ଞ ଶୁଭାରମ୍ଭ

ଜି.ଉଦୟଗିରି,୨୬।୩(ସମିସ): ଆଜି ରାଇକଲା ପଞ୍ଚାୟତ କିଲାକିଆ ଗ୍ରାମରେ ୨୪ପ୍ରହର ବ୍ୟାପି ନାମଯଜ୍ଞ ସହିତ ପଞ୍ଚମହାଯଜ୍ଞର ଶୁଭାରମ୍ଭ ହୋଇଛି। ପୁରୋହିତ ସନ୍ତୋଷ କୁମାର ଦାସ ଓ ବାବାଜୀ ଶ୍ରୀ କୃପାସିନ୍ଧୁ ଦାସଙ୍କ ତତ୍ତ୍ୱାଧାନରେ ବେଦ ମନ୍ତ୍ରୋଚ୍ଚାରଣ, ଦେବଦେବୀଙ୍କ



ଆବାହନ ଏବଂ ଦୀପ ପ୍ରଜ୍ୱଳନ ସହିତ କଳସ ଯାତ୍ରା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ବହୁ ସଂଖ୍ୟକ ଭକ୍ତ, ଧାର୍ମିକ ଗୁରୁମାନେ ଓ ସ୍ଥାନୀୟ ନିବାସୀମାନେ ଯୋଗଦେଇଥିଲେ। ପଞ୍ଚ ମହାଯଜ୍ଞରେ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଦ୍ରବ୍ୟଯଜ୍ଞ ଏବଂ ଜ୍ଞାନଯଜ୍ଞ ସମ୍ମିଳିତ ଥାଇ ସମାଜରେ ଶାନ୍ତି, ସମ୍ମିଳନ ଓ ଆତ୍ମିକ ଉନ୍ନତିକୁ ବଢାଇବାର ଉଦ୍ଦେଶ୍ୟ ରହିଛି। ପ୍ରତିଦିନ ସନ୍ଧ୍ୟା ୪ ଘଣ୍ଟା ଠାରୁ ୭ ଘଣ୍ଟା ମଧ୍ୟରେ ଶ୍ରୀ ସୁଦୟ ଆବା, ଅମୃତ ପରିବାର, କତିଙ୍ଗିଆ ସ୍ୱାମୀ ରମେଶ୍ୱରନନ୍ଦ ସରସ୍ୱତୀ, ସ୍ୱାମୀ ଭୁବନେଶାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ଗୌରାଙ୍ଗ ଚୈତନ୍ୟ, ବ୍ରହ୍ମଚାରୀ ରାଘବ ଚୈତନ୍ୟଙ୍କ ଦ୍ୱାରା ସତସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ ରହିଛ। ଏହି କାର୍ଯ୍ୟକ୍ରମ ଚାରି ଦିନ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ଧାର୍ମିକ ଉପଦେଶ, ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ର ସଭାପତି ବାସୁଦେବ ପ୍ରଧାନ ପ୍ରକାଶ କରିଛନ୍ତି। ସେହିପରି ଗ୍ରେସିଙ୍ଗିଆ ପଞ୍ଚାୟତ ସ୍ଥିତ ଡକରଙ୍ଗିଆ ଗ୍ରାମରେ ଅଧିବାସ ସହ ନଗର ପରିକ୍ରମା କରାଯାଇଛି।

## ଘର ଆଗରୁ ବାଇକ୍ ଚୋରି

ବୁଗୁଡ଼ା,୨୬ ।୩(ସମିସ): ବୁଗୁଡ଼ା ସହର ଅନ୍ତର୍ଗତ ଅର୍ଣ୍ଣପୂର୍ଣ୍ଣା ନଗର ସାହିର ଜନୈକ ଭଡାଟିଆଙ୍କ ଘର ସାମ୍ନାରୁ ବାଇକ୍ ଚୋରି ଘଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଧରାକୋଟ ଥାନା ଅନ୍ତର୍ଗତ ଜାହାଡା ଗ୍ରାମର ବ୍ରଜ ଗୋପାଳ ବେବର୍ତ୍ତା ଗତକାଲି ଅପରାହ୍ନରେ ଅନ୍ନପୂର୍ଣ୍ଣା ନଗରସ୍ଥିତ ତାଙ୍କର ଭଡା ଘର ସାମ୍ନାରେ ହିରୋ ଗ୍ଲାମର୍ ବାଇକ୍ (ନଂ-ଓଡି ୦୭ ଏଲ୍ ୬୨୫୫)କୁ ରଖି ଘର ଭିତରେ ଥିଲେ। ସେ ବାହରକୁ ଆସି ଦେଖିବା ବେଳକୁ ତାଙ୍କର ବାଇକଟି ନଥିଲା। ଆଖପାଖରେ ବହୁତ ଖୋଜାଖୋଜି କରିବା ପରେ ବାଇକଟିର କୌଣସି ପତ୍ତା ମିଳିବାରୁ ବୁଗୁଡା ଥାନାରେ ଅଭିଯୋଗ କରିଥିଲେ। ତେବେ ଚୋରି ହୋଇଯାଇଥିବା ବାଇକଟି ବ୍ରଜଙ୍କ ଅଜା ବିପ୍ରଚରଣ ପାଢୀଙ୍କ ନାମରେ ରହିଥିବା ଜଣାଯାଇଛି।

## ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପରିଚାଳନା ସମିତି ବୈଠକ



ବ୍ରହ୍ମପୁର,୨୬(ସମିସ): ବ୍ରହ୍ମପୁର ମହାନଗର ନିଗମ ଅଡିଟୋରିଅମ୍ ହଲ୍‌ରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ନବମ ନଗର ସ୍ୱାସ୍ଥ୍ୟ ମିଶନ, ଦ୍ୱିତୀୟ ପରିଚାଳନା ସମିତି ଓ ତୃତୀୟ କାର୍ଯ୍ୟନିର୍ବାହୀ ସମିତି ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମେୟର ସଂଘମିତ୍ରା ଦଳାଇ ସଭାପତିତ୍ୱ କରିଥିବା ବେଳେ ଉପସଭାପତି ବିଏମସି କମିଶନର ଏ. ଶସ୍ୟା ରେଡ୍ଡୀ, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଠିକାରୀ ଡାକ୍ତର ଶରତ କୁମାର ସାମଲ ଯୋଗଦେଇ ସ୍ୱାସ୍ଥ୍ୟ ମିଶନର ଆଭିମୁଖ୍ୟ ଓ କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ସମ୍ୟକ୍ ଧାରଣା ଦେଇଥିଲେ। ନଗର କାର୍ଯ୍ୟ ପରିଚାଳକ ଲମ୍ବୋଦର ଦିଗଲ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ବ୍ରହ୍ମପୁର ସହରରେ ଗୋଷ୍ଠୀ ଓ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ସମନ୍ୱୟ ରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବୈଠକରେ ଟୀକାକରଣ, ଜାତୀୟ ଗୁଣାତ୍ମକ ମାନକ, କାୟାକଳ୍ପ, ମମତା ଦିବସ, ଆମ କ୍ଲିନିକ (ବିଶେଷଜ୍ଞ ସେବା), ଗୋଷ୍ଠୀ ସ୍ତରରେ ବିଭିନ୍ନ ପ୍ରକାରର ୱାସ୍ଥ୍ୟ ସେବା (ଅଣ-ସଂକ୍ରାମକ ରୋଗ, ବୃଦ୍ଧ ସ୍ୱାସ୍ଥ୍ୟ ଶିବିର), ବର୍ଜ୍ୟବସ୍ତୁ ପରିଚାଳନା, ଇ-ସଞ୍ଜିବନୀ ଇତ୍ୟାଦି ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ସଭାରେ ବ୍ରହ୍ମପୁର ସହରର ବିଭିନ୍ନ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ପୁନଃ-ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ ପୂର୍ତ୍ତ ବିଭାଗ ସହ ସମୀକ୍ଷା କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ଆସନ୍ତା ଅପ୍ରେଲ ମାସ ୧୫ତାରିଖ ସୁଦ୍ଧା ସମାପ୍ତ କରିବା ଲାଗି ମାନନୀୟା ମେୟର ନିର୍ଦ୍ଦେଶ ଦେଇଥିଲେ। ସେହିପରି ଲାଞ୍ଜିପଲ୍ଲୀ ସ୍ଥିତ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଆସନ୍ତା ମାସ ପ୍ରଥମ ସପ୍ତାହ ସୁଦ୍ଧା ୱାର୍ଡ ନଂ. ୩୮ ସ୍ଥିତ ୱାର୍ଡ ଅଫିସ୍‌କୁ ସ୍ଥାନାନ୍ତରିତ କରିବାଲାଗି ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ସରକାରଙ୍କର ନିର୍ଦ୍ଦେଶକ୍ରମେ ଆସନ୍ତା ଅପ୍ରେଲ ମାସ ୦୧ ତାରିଖ ଠାରୁ ବ୍ରହ୍ମପୁର ସ୍ଥିତ ଆସ୍କା ରୋଡ୍ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଚ୍‌ପିଭି ଟୀକାକରଣ ଆରମ୍ଭ କରିବାକୁ ନିଷ୍ପତି ନିଆଗଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ସହରର ସମସ୍ତ ୧୪ରୁ ୧୫ବର୍ଷର କିଶୋରୀ ବାଳିକାଙ୍କୁ ଟୀକାକରଣ କରିବାର ଲକ୍ଷ୍ୟ ରଖାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଡ଼ାକ୍ତର. ମାନସ ରଞ୍ଜନ ପଣ୍ଡାଙ୍କ ସମେତ ବହୁ ଡ଼ାକ୍ତର ଓ ଅଧିକାରୀ ଯୋଗ ଦେଇଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦଯାପିତ



ଦିଗପହଣ୍ଡି,୨୬ ।୩(ସମିସ): କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ଜନଗଣନା ନିର୍ଦ୍ଦେଶାଳୟ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଦିଗପହଣ୍ଡି ଏନଏସି ପ୍ରଶାସନ ପକ୍ଷରୁ ଅଫିସ ସମ୍ମିଳନୀ କକ୍ଷରେ ଜାତୀୟ ଜନଗଣନା ୨୦୨୭ ର ତ୍ରିଦିବସୀୟ ପ୍ରଥମ ପର୍ଯ୍ୟାୟ ପରିଗଣନାକାରୀ ଓ ସୁପରଭାଇଜର ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଚାର୍ଜ ଅଫିସର ତଥା ଦିଗପହଣ୍ଡି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଉପସ୍ଥିତ ରହି ସମସ୍ତ ପରିଗଣନାକାରୀ ମାନଙ୍କୁ ଉତ୍ସାହିତ କରିବା ସହ ତାଲିମ ଅନୁସାରେ ସଠିକ୍ ରୂପେ ଗଣନାକାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏନଏସି କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ମୃତ୍ୟୁଞ୍ଜୟ ସାହୁ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିଲେ। ୨୦୧୧ ପରେ ଦୀର୍ଘ ୧୫ ବର୍ଷ ପରେ ପ୍ରଥମଥର ଡିଜିଟାଲ ଜନଗଣନା ହେବାକୁ ଥିବାରୁ ଆସନ୍ତା ଏପ୍ରିଲ୍ ୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ମୋବାଇଲ ଆପ୍ ଜରିଆରେ ସହରର ସମସ୍ତ ବାସିନ୍ଦା ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଜନଗଣନା ପୋର୍ଟାଲରେ ଲଗ୍ ଇନ୍ କରି ନିଜର ସମସ୍ତ ବିବରଣୀ ଅନଲାଇନ୍ ରେ ସଠିକ୍ ଓ ସ୍ୱଚ୍ଛ ତଥ୍ୟ ଦାଖଲ ସହ ଗୃହ ସଂଖ୍ୟାକରଣ, ହାଉସ ଲିଷ୍ଟିଂ ସମ୍ପର୍କିତ ସମସ୍ତ ତଥ୍ୟ ନିର୍ଭୁଲ ଭାବେ ଅପଲୋଡ଼ କରିବା ସହ ଜନସାଧାରଣ ୩୩ଟି ପ୍ରଶ୍ନର ସ୍ୱଚ୍ଛ ତଥ୍ୟ ପ୍ରଦାନ କରିବେ।

## ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା,୨୬ ।୩(ସମିସ): ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ ପରିସରରେ ଓଡିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ସଂଯୋଜକ ଦେବବ୍ରତ ମାହନ୍ତଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସୋରେନ, ସାମାଜିକ କର୍ମୀ ପୂର୍ଣ୍ଣିମା ଦାସ, ପ୍ରୋଟେକସନ ଅଫିସର ଡି.ନାଗରତ୍ନମ୍, ବରିଷ୍ଠ ଅଧିବକ୍ତା ହର ପ୍ରସାଦ ଦାଶ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ବୁଗୁଡ଼ା ମେଡିକାଲ ଅଫିସର ପଦାରବିନ୍ଦ ଷଡଙ୍ଗି, ସାଂସଦ ପ୍ରତିନିଧି ଉତ୍ତମ କୁମାର ଦାଶ ପ୍ରମୁଖ ଯୋଗ ଦେଇ କନ୍ୟାଭ୍ରୁଣ ହତ୍ୟା, ବାଲ୍ୟ ବିବାହ, ନାରୀ ନିର୍ଯାତନା ଆଦି ଦୂରୀକରଣ ଦିଗରେ ସଚତେନ କରିଥିଲେ। ସିଡିପିଓ ବବିତା କୁମାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜାମ ଓକିଲ ସଂଘ ନିର୍ବାଚନ : ଶେଷ ପର୍ଯ୍ୟାୟରେ ପ୍ରଚାର

- ସିସିଟିଭି ନଜରରେ ରହିବ ମତଦାନ, ମହିଳା ଓ ବରିଷ୍ଠ ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର ବୁଥ ବ୍ୟବସ୍ଥା
- ୫୦ ସହକାରୀ ନିର୍ବାଚନ ଅଧିକାରୀ ନିଯୁକ୍ତ, ୪ଟି ପଦବୀ ପାଇଁ ସ୍ୱତନ୍ତ୍ର ଭୋଟବାକ୍ସ ଓ ବାଲାଟ



ବ୍ରହ୍ମପୁର,୨୬ ।୩(ସମିସ): ଆସନ୍ତା ୨୮ ତାରିଖରେ 'ୱାନ ବାର ୱାନ ଭୋଟ' ନିୟମ ପ୍ରକାରେ ରାଜ୍ୟବ୍ୟାପୀ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏହି କ୍ରମରେ ଗଞ୍ଜାମ ଓକିଲ ସଂଘର ମଧ୍ୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ କଡାକଡି ଭାବେ ଅନୁପାଳନ କରାଯାଉଛି। ନିର୍ବାଚନର ସୁପରିଚାଳନା ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ଅଧିକ ୫୦ଜଣ ସହକାରୀ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି। ଆସନ୍ତା ୨୮ ତାରିଖ ସକାଳ ସାଢେ ୭ଟା ଠାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ। ୪ଟା ଠାରୁ ଭୋଟଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଭୋଟଗ୍ରହଣ ପାଇଁ ମହିଳା ଓ ବରିଷ୍ଠ ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ବୁଥ ସହିତ ୪ଟି ପଦବୀ ପାଇଁ ୧୦ଟି ବୁଥର ବ୍ୟବସ୍ଥା କରାଯାଇଛି। ସଭାପତି ପଦବୀ ପାଇଁ ହଳଦିଆ, ଉପ ସଭାପତି ପଦବୀ ପାଇଁ ନୀଳ, ସମ୍ପାଦକ ପଦବୀ ପାଇଁ ସବୁଜ ଓ ସହ ସମ୍ପାଦକ ପଦବୀ ପାଇଁ କମଳା ରଙ୍ଗର ବାକ୍ସ ସହିତ ବେଲଟ ପେପର କରାଯାଇଛି। ଚଳିତ ବର୍ଷ ଗଞ୍ଜାମ ଓକିଲ ସଂଘରେ ମୋଟ ୧୭୬୧ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ୧୫୯ ଜଣ ନୂତନ ଭୋଟର ବା ନବାଗତ ରହିଛନ୍ତି। ତେବେ ୧୭୬୧ଜଣ ଭୋଟରଙ୍କ ମଧ୍ୟରୁ ଶତକଡା ୪୦ପ୍ରତିଶତରୁ ଅଧିକ ନନ ପ୍ରାକ୍ଟିସନର ଥିବା ଜଣାପଡିଛି।

## ଜନଗଣନା ପାଇଁ ୩ ଦିନିଆ କର୍ମଶାଳା

ପୋଲସରା,୨୬ ।୩(ସମିସ ): ଗଞ୍ଜାମ ଜିଲ୍ଲା ପୋଲସରା ମ୍ୟୁନିସିପାଲିଟି ସ୍ଥରୀୟ ଜନଗଣନାକାରୀ ଓ ପରିଦର୍ଶକଙ୍କ ପାଇଁ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା ଏବଂ ଭଗବାନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଶିବିର ଆୟୋଜିତ ହୋଇଛି। ଏହି ଦୁଇଟି ଶିବିରରେ ବ୍ଲକର ୫୨ଜଣ ଜନଗଣନାକାରୀ ଏବଂ ୧୧ ଜଣ ସୁପରଭାଇଜର ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମଦାତା ଭାବେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ବିକାଶ କୁମାର ସାହୁ ଓ ଲିପିନାଥ ସିଂ ଦୁଇଜଣ ଅଧ୍ୟାପକ ଉପସ୍ଥିତ ରହି ତାଲିମ ଦେଉଥିବା ବେଳେ ପରିଷଦର ଅନ୍ୟ ଷ୍ଟାଫ୍ ଏବଂ କର୍ମଚାରୀମାନେ ସହଯୋଗ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଜନଗଣନା ଏପ୍ରିଲ ୧୬ ତାରିଖରୁ ମେ' ୧୫ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଜନଗଣନାକାରୀ ଘରକୁ ଘର ବୁଲି ୩୩ଟି ପ୍ରଶ୍ନ ପଚାରି ସଠିକ ଏବଂ ନିର୍ଭୁଲ ତଥ୍ୟ ସଂଗ୍ରହ କରିବା ପାଇଁ ତାଲିମ ଦିଆଯାଇଛି।

## କେଶବ ପଣ୍ଡା ସ୍ନାତକ କଲେଜର ବାର୍ଷିକ ଉତ୍ସବ

ସୋରଡ଼ା,୨୬ ।୩(ସମିସ): ସୋରଡାରେ ଥିବା କେଶବ ପଣ୍ଡା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରତିଷ୍ଠାତା କେଶବ ଚନ୍ଦ୍ର ପଣ୍ଡା ଓ ଅଧ୍ୟକ୍ଷ ପ୍ରିୟସିତା ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ପିସିଏମ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଂଯୁକ୍ତା ପଣ୍ଡା, ଏନଏସି ଉପାଧ୍ୟକ୍ଷା ଭାଗ୍ୟଲତା ଡାକୁଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ରହିଥିଲେ ଅଧ୍ୟାପିକା ସ୍ନିଗ୍ଧା ରାଣୀ ପଣ୍ଡା। ପିସିଏମ ମହିଳା ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ଧୋବା ବେହେରା, ମଙ୍ଗୁଲୁ ସାହୁ ଆଦି ଅତିଥି ଭାବେ ଯୋଗଦେଇଥିବା ବେଳେ ଏହି ସ୍ନାତକ ମହାବିଦ୍ୟାଳୟର ଇତିହାସ ଅଧ୍ୟାପିକା ମାନସୀ କୁମାରୀ ପଣ୍ଡା, ସାହିତ୍ୟ ଅଧ୍ୟାପିକା ସୁପ୍ରଭା ସେଠି, ଶିକ୍ଷା ବିଭାଗ ଅଧ୍ୟାପିକା ଜ୍ୟୋତ୍ସ୍ନା ରାଣୀ ପାଳ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଜନଶୁଣାଣି

ଦାରିଙ୍ଗବାଡି,୨୬।୩(ସମିସ): ଦାରିଙ୍ଗବାଡି ବ୍ଲକ ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ନେଇ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡ଼ିଓ ପ୍ରତି ରଞ୍ଜନ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ବ୍ଲକ ସାମାଜିକ ସମୀକ୍ଷକ ରତ୍ନାକର ମନ୍ତ୍ରୀ ଓ ଏପିଓ କେଦାର ଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗତ ଏପ୍ରିଲ ଠାରୁ ଅକ୍ଟୋବର ମାସ ମଧ୍ୟରେ ହୋଇଥିବା କାର୍ଯ୍ୟ ଉପରେ ଶୁଣାଣି ହୋଇଥିଲା। ୨୫ ପଞ୍ଚାୟତରେ ସମୁଦାୟ ୯୧୧ ପ୍ରକଳ୍ପ ହାତକୁ ନିଆଯାଇ ୩୮ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ୨୩ ହଜାର ୫୭୩ ପରିବାରର ଜବ କାର୍ଡ ରହିଥିବା ବେଳେ ୬ ମାସ ମଧ୍ୟରେ ୭୨୪ ନୂଆ ଜବକାର୍ଡ ରେଜିଷ୍ଟ୍ରେସନ ହୋଇଛି। ୧୬ ହଜାର ୯ ପରିବାର କାମ ମାଗିଥିବା ବେଳେ ସମସ୍ତଙ୍କୁ କାମ ଯୋଗାଇ ଦିଆ ଯାଇଛି। ୫୨୬ ଜଣ ପରିବାର ୧୦୦ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି ଏବଂ ୫ ଲକ୍ଷ ୯୬ ହଜାର ୮୧୬ ଶ୍ରମ ଦିବସ ସୃଷ୍ଟି ହୋଇପାରିଛି। ଶୁଣାଣିରେ ସାଧାରଣ ଲୋକଙ୍କ କୌଣସି ଅଭିଯୋଗ ନଥିଲା।

## ଗଞ୍ଜାମ ଜିଲ୍ଲାପାଳଙ୍କ ପାତ୍ରପୁର ଗସ୍ତ



ପାତ୍ରପୁର,୨୬ ।୩(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଗୁରୁବାର ପାତ୍ରପୁର ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଜିଲ୍ଲାପାଳ କୀର୍ତ୍ତିଭାସନ ପ୍ରଥମେ ସୁରଙ୍ଗୀ ପଞ୍ଚାୟତର ଆଦିବାସୀ ଅଧୁଷିତ ସିନ୍ଧୁପଙ୍କ ଗାଁରେ ପହଞ୍ଚି ଥିଲେ। ସେଠାରେ ପହଞ୍ଚିବା ପରେ ଆଦିବାସୀ ମାନେ ସଂକୀର୍ତ୍ତନ କରି ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ଗ୍ରାମ ପରିକ୍ରମା କରି ପାଛୋଟି ନେଇଥିଲେ। ପରେ ଗ୍ରାମର ଏକ ଗଛ ମୂଳେ ଜିଲ୍ଲାପାଳ ଗ୍ରାମବାସୀଙ୍କ ସହିତ ଏକ ବୈଠକ କରିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଯାତାୟାତ ଲାଗି ରାସ୍ତା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଜଣାଇଥିଲେ। ଏହାପରେ ସେ ଖାରିଆଗୁଡା ଠାରେ ନିର୍ମିତ କଲ୍ୟାଣ ମଣ୍ଡପ ଦେଖିବା ସହ ନିକଟରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ପ୍ରଥମ ଶ୍ରେଣୀକୁ ଉନ୍ନୀତ ହୋଇଥିବା ପିଲାଙ୍କୁ ଖଡ଼ି ଛୁଆଁ ଲାଗି ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ସେହିପରି ଜିଲ୍ଲାପାଳ ଝଗଡାପଲ୍ଲୀ ଯାଇ ବିସ୍ଥାପିତ ପରିବାରକୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ଏହି ସମୟରେ ଜିଲ୍ଲାପାଳଙ୍କ ସମେତ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ, ଟିଡିଏ ସ୍ୱତନ୍ତ୍ର ଅଧିକାରୀ ଚେତନା ସେଠି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ପୁରୁଷୋତ୍ତମପୁର ତହସିଲରେ ଜମି ଦୁର୍ନୀତି

# ଅର୍ଥ ପାଇଁ ପଟ୍ଟାରୁ ନାମ ପରିବର୍ତ୍ତନ ଅଭିଯୋଗ

ପୁରୁଷୋତ୍ତମପୁର,୨୬ ।୩(ସମିସ): ପୁରୁଷୋତ୍ତମପୁର ତହସିଲରେ ଜମି ଦୁର୍ନୀତି ଅଭିଯୋଗ ହୋଇଛି। ତହସିଲ ଅଫିସିରେ ଜଣଙ୍କ ନାମରେ ଥିବା ପଟ୍ଟାକୁ କାଟି ଅନ୍ୟ ଜଣଙ୍କ ନାମରେ ପଟ୍ଟା କରାଯାଇଛି। ଘଟଣାଟି ହେଉଛି ପୁରୁଷୋତ୍ତମପୁର ସହରସ୍ଥିତ ଚାଙ୍ଗୁଡିଆପଦର ସାହିର। ଏହି ସାହିର ଶୁଶିଳା ସାହୁ ସ୍ୱାମୀ ଅଭିରାମ ସାହୁ। ସେମାନେ ଆଜି ତହସିଲ ଅଫିସକୁ ଯାଇ ଏହି ଜମି ପଟ୍ଟା ଦୁର୍ନୀତି ବିଷୟ ଉପରେ ତହସିଲଦାର ବିନୋଦ କୁମାର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶୁଶିଳାଙ୍କ କହିବା କଥା ମୋର ମା' ହିରା ସାହୁ ପୁରୁଷୋତ୍ତମପୁର ମୌଜାର ପୁରାତନ ଖାତା ନମ୍ବର୬୮ ସର୍ଭେ ୫୨୮ନମ୍ବରେ ଏ୦.୬୫ରୁ ପଶ୍ଚିମଦିଗରୁଏ୦.୩୬.୬/୧୦ସେଣ୍ଟ ଜମି ତଥା ନୂତନ ସେଟେଲ୍‌ମେଣ୍ଟ ପ୍ରକାରେ ଖାତା ନମ୍ବର୧୪୭, ପ୍ଲଟ୍ ନ ୭୧୬ମ୍ବର ରେ ପୁରା ଏ୦.୬୧୫ଡେସିମେଲରୁ ପଶ୍ଚିମ ଦିଗରୁ ଏ୦.୩୦୭. ୫ଡେସିମେଲ ଜମି ଯୁଗ୍ମପଟ୍ଟାଦାର ନବା ବେହେରାଙ୍କ ଠାରୁ ୧୯୭୧ ମସିହାରେ ଖରିଦ କରିଥିଲେ। ମୋର ମା'ଙ୍କ ଇତି ମଧ୍ୟରେ ଦେହାନ୍ତ ହୋଇଗଲାଣି। ମୁଁ ତାଙ୍କର ଏକମାତ୍ର ଉତ୍ତରାଧିକାରୀ ଅଟେ। ସରକାରଙ୍କ ନିୟମ ପ୍ରକାରେ ୧୯୭୬ ମସିହା ସେଟେଲମେଣ୍ଟ



ପୂର୍ବରୁ ମୋର ମା' ଏହି ସମ୍ପତ୍ତି କିଣିଥିବାରୁ ଏହି ସମ୍ପତ୍ତି ଗତ ସେଟେଲମେଣ୍ଟରେ କିମ୍ବା ଇତି ମଧ୍ୟରେ ମୋର ମା'ଙ୍କ ନାମରେ ରେକର୍ଡ କରାଯାଇ ନାହିଁ। ବର୍ତ୍ତମାନ ସରକାରଙ୍କ ଏହି ନିୟମରେ ପରିବର୍ତ୍ତନ ହେବାରୁ ମୁଁ ମୋ ନାମରେ ରେକର୍ଡ କରାଇବା ପାଇଁ ଆବେଦନ କରିବା ନେଇ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଜଣାପଡିଲା ଯେ, ବର୍ତ୍ତମାନ ସେହି ଜମି ମୂଳ ପଟ୍ଟାରେ କୌଣସି ସମ୍ପତ୍ତି ନାହିଁ। ତେଣୁ ଏହି ଜମି ପଟା ପ୍ଲଟ ନମ୍ବର ୭୧୬ ଜାଲିଆତି କରାଯାଇ ଅନ୍ୟ ନାମରେ ପଟ୍ଟା କରାଯାଇଛି। ସେଥିରେ ୨୦୨୦ ମସିହାରେ ସେତେବେଳେ ଥିବା ଆରଇଙ୍କ କଳା କାରନାମାରେ ଏବଂ ସେହି ସମୟର ତହସିଲଦାରଙ୍କ ଜାଣତରେ ହେଉ କିମ୍ବା ଅଜାଣତରେ ନବା ବେହେରାଙ୍କ ନାମକୁ ପଟ୍ଟାରୁ କାଟି ଅନ୍ୟ ନାମରେ ପଟ୍ଟା କରିବା ପାଇଁ କିଛି ଦଲାଲଙ୍କ ସହଯୋଗରେ ସେଟଲ ମେଣ୍ଟ କମିଶନରଙ୍କୁ ସମସ୍ତ ତଥ୍ୟ ଦିଆଯାଇ ଥିଲା। ସେଟେଲମେଣ୍ଟ କମିଶନରଙ୍କ ଏସ୍‌ଆରପି ନିର୍ଦ୍ଦେଶ ୨/୨୦୨୦ ଅନୁସାରେ ନବା ବେହେରାଙ୍କ ନାମ ପଟ୍ଟାରୁ ବାଦ ଦେଇ ମୃତ ଯୋଗେନ୍ଦ୍ର ନାଥ ଦାଶ ଙ୍କ ଉତ୍ତରାଧିକାରୀ ନାମରେ ପଟ୍ଟା କରିବାକୁ ନିର୍ଦ୍ଦେଶ ରହିଥିବା ହସିଲଦାର ବିନୋଦ କୁମାର ବେହେରା କହିଛନ୍ତି। ଯାହାଫଳରେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ପଟ୍ଟା କରାଯାଇଛି। ତେଣୁ ଏଥିପ୍ରତି ଗଞ୍ଜାମ ଜିଲ୍ଲାପାଳ ଦୃଷ୍ଟି ଦେଇ ଏହି ପରି ଜାଲିଆତି କାର୍ଯ୍ୟରେ ଲିପ୍ତ ଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

